ଆଜି -ମଙ୍ଗଳବାର
ତାରିଖ - ୨୯ ଅକ୍ଟୋବର ୨୦୨୪
ମାସ - ତୁଳା, ଦିନ - ୧୩
ତିଥି - ଦ୍ୱାଦଶୀ ମଳ, ପକ୍ଷ - କୃଷ୍ଣ
ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

ପ୍ରଭାତୀ ସଂସ୍କରଣ AJIKALI Morning Edition


" ଯୁଦ୍ଧକ୍ଷେତ୍ରରେ ପରାଜିତ ଏବଂ ନିହତ ହେଲେ ଆମେ ନିଶ୍ଚୟ ଗୌରବର ଅଧିକାରୀ ହୋଇ ପାରିବା ଏବଂ ମୁକ୍ତିଲାଭ କରିବା ।" ।" ଝାନ୍ସୀ ରାଣୀ


E-mail: ajikalibls@gmail.com
E-News : www.theajikali.com

Vol.- 39 ISSUE- 195 R.N.I. REGD. No. 44026/86 ବାଲେଶ୍ୱର ୨୯ ଅକ୍ଟୋବର ୨୦୨୪ ମଙ୍ଗଳବାର BALASORE 29 OCTOBER 2024 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଆଜି ରୋଜଗାର ମେଳାରେ ନୂଆ ନିଯୁକ୍ତି ପାଇଥିବା ୫୧ହଜାରରୁ ଅଧିକ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଆଜି ରୋଜଗାର ମେଳା ଅଧିନରେ ସରକାରୀ ବିଭାଗ ଓ ସଂସ୍ଥାରେ ନୂଆ ନିଯୁକ୍ତି ପାଇଥିବା ୫୧,୦୦୦ରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ବାଂଟିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୯ ଅକ୍ଟୋବର ୨୦୨୪ ଦିନ ୧୦:୩୦ ସମୟରେ ଭିଡିଓ କନ୍ଫରେନ୍ସି ମାଧ୍ୟମରେ ୫୧,୦୦୦ରୁ ଅଧିକ ନବ ନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ବିତରଣ କରିବେ । ଏହି ଅବସରରେ ମଧ ପ୍ରଧାନମନ୍ତ୍ରୀ ରୋଜଗାର ମେଳାକୁ ସମ୍ବୋଧିତ କରିବେ । ରୋଜଗାର ମେଳା ରୋଜଗାର ସୃଷ୍ଟିକୁ ପ୍ରାଥମିକତା ଦେବା ପାଇଁ ପ୍ରଧାମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହା




ଯୁବପୀଢ଼ିଙ୍କୁ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେବା ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କୁ ସଶକ୍ତ କରିବ । ସମଗ୍ର ଦେଶରେ ୪୦ଟି ବିଭିନ୍ନ ସ୍ଥାନରେ ରୋଜଗାର ମେଳାର ଆୟୋଜନ କରାଯିବ, ଯେଉଁଥିରେ ନୂଆ କର୍ମଚାରୀ କେନ୍ଦ୍ର ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ, ଯେପରିକି ରାଜସ୍ୱ ବିଭାଗ, ଉଚ ଶିକ୍ଷା ବିଭାଗ, ଗୃହ ମନ୍ତ୍ରଣାଳୟ, ରକ୍ଷା ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଇତ୍ୟାଦି ସହ ସାମିଲ ହେବେ । ନବ ନିଯୁକ୍ତମାନେ ଆଇଜିଓଟି କର୍ମଯୋଗୀ ପୋର୍ଟାଲରେ ଉପଲବ୍ଧ ଅନଲାଇନ୍ ମଡ୍ୟୁଲ୍ 'କର୍ମଯୋଗୀ ପ୍ରାରମ୍ଭ' ମାଧ୍ୟମରେ ଭିତିଭୂମି ତାଲିମ ଗ୍ରହଣ କରିବାର ସୁଯୋଗ ପାଇବେ । କର୍ମଯୋଗୀ ପୋର୍ଟାଲ୍ରେ ୧୪୦୦ରୁ ଅଧିକ ଇ-ଲର୍ନିଂ ପାଠ୍ୟକ୍ରମ ଉପଲବ୍ଧ ଯାହାକି ନୂଆ ନିଯୁକ୍ତମାନଙ୍କୁ ସେମାନଙ୍କ ଭୂମିକା ଅଧିକ ପ୍ରଭାବଶାଳୀ କରିବା ଏବଂ ବିକଶିତ ଭାରତ ନିର୍ମାଣ ଦିଗରେ କାର୍ଯ୍ୟ କରିବା ପାଇଁ ଅତ୍ୟାବଶ୍ୟକ କୌଶଳ ସହିତ ଅଧିକ ଦକ୍ଷ କରିବ ।

## ଆକାଶମାର୍ଗରୁ ବାତ୍ୟା ପରର ସ୍ଥିତି ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

### ନଭେମ୍ବର ୨ ସୁଦ୍ଧା ଆକଳନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ବାଲେଶ୍ୱର: ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ହେଲିକେପ୍ଟର ଯୋଗେ ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର, ବାହାନଗା, ସୋର, ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଗସ୍ତ କରି ବାତ୍ୟାପରର ସ୍ଥିତି ପରିଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ, ମୁଖ୍ୟ ଶାସନସଚିବ ମନୋଜ ଆହୁଜା ଓ ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ (ଏସଆରସି) ଦେଓରଞ୍ଜନ କୁମାର ସିଂହ ହେଲିକପ୍ଟର ଯୋଗେ ଆକାଶ






ମାର୍ଗରୁ ବାତ୍ୟା କ୍ଷୟକ୍ଷତିର ସର୍ଭେ କରିବାପରେ ଚାନ୍ଦିପୁର ଠାରେ ଜିଲ୍ଲାର ସମସ୍ତ ବିଧାୟକ, ଜିଲ୍ଲାପାଳଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ । ନଭେମ୍ବର ୨ ସୁଦ୍ଧା ବାତ୍ୟାଜନିତ କ୍ଷୟକ୍ଷତିର ଆକଳନ ରିପୋର୍ଟ ପ୍ରଦାନ କରିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଚାନ୍ଦିପୁର ଡିଆରଡିଓର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ପରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ପାଗ ଅନୁକୂଳ ନଥିବାରୁ ମୁଖ୍ୟମନ୍ତ୍ରୀ ହେଲିକେପ୍ଟରରେ ନଯାଇ କାର୍ ଯୋଗେ ଭୁବନେଶ୍ୱର ଫେରିଥିଲେ ।

## ଆଇଆଇଟି, ବିଏଚୟୁର ୧୩ତମ ସମାବର୍ତ୍ତନ ସମାରୋହରେ ଯୋଗଦେଲେ କେନ୍ଦ୍ରଶିକ୍ଷା ମନ୍ତ୍ରୀ

ବାରଣାସୀ: ଏକବିଂଶ ଶତାବ୍ଦୀ ଭାରତର ଶତାବ୍ଦୀ । ଚତୁର୍ଥ ଶିଳ୍ପ




ବିପ୍ଳବ ସମୟରେ ଭାରତ ପାଖରେ ଦୁନିଆର ଲୋକକଲ୍ୟାଣର ନେତୃତ୍ୱ ନେବା ପାଇଁ ଏକ ଅଭୁତପୂର୍ବ ସୁଯୋଗ ରହିଛି । ଏ ଦିଗରେ ଆଇଆଇଟି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜର ବଡ଼ ଦାୟିତ୍ୱ ନିର୍ବାହ କରିବେ ବୋଲି ଏହି ଶିକ୍ଷାନୁଷ୍ଠାନର ୧୩ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ କହିଛନ୍ତି ଯେ ସମାବର୍ତ୍ତନ ସମାରୋହ ଜୀବନର ଏକ ଅନନ୍ୟ ମୁହୂର୍ତ୍ତ । ବାରଣାସୀ ସ୍ଥିତ ଆଇଆଇଟି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସାମିଲ ହେବା ସୌଭାଗ୍ୟର ବିଷୟ । ସମ୍ମାନ, ଡିଗ୍ରୀ ଏବଂ ପଦକଧାରୀ ବିଦ୍ୟାର୍ଥୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ବହୁତ ଭାଗ୍ୟବାନ । ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ଦ୍ୱାରା ଏହି ପବିତ୍ର ସ୍ଥାନରୁ ଆରମ୍ଭ ହୋଇଥିବା ଶିକ୍ଷା ଯଜ୍ଞରୁ ଉତ୍ପନ୍ନ ହୋଇଥିବା ଛାତ୍ରଛାତ୍ରୀମାନେ ଜଣେ ଜଣେ ଅମୃତ ସଦୃଶ । କାଶୀ ଦୁନିଆର ସ୍ୱଳ୍ପ କିଛି ଜୀବନ୍ତ ସହର ମଧ୍ୟରୁ ଅନ୍ୟତମ । କାଶୀ ହେଉଛି ଭାରତର ଦର୍ଶନଶାସ୍ତ୍ର ତଥା ପାଲି, ପ୍ରାକୃତ, ସଂସ୍କୃତ ଏବଂ ତାମିଲ ଭଳି ପୁରାତନ ଭାଷାର ସଂଗମ ଅଟେ । କାଶୀ ଭଳି ଏକ ଜୀବନ୍ତ ସଭ୍ୟତା ସହ ଯୋଡ଼ି ହେବା ଏକ ବଡ଼ ସୌଭାଗ୍ୟର ବିଷୟ ।ଅନେକ ମହାପୁରୁଷମାନେ କାଶୀକୁ ଆସିଛନ୍ତି । ଆଜି ମାନ୍ୟତା ହାସଲ କରିଥିବା ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସେହି ମହାପୁରୁଷଙ୍କ ଠାରୁ କୌଣସି ଗୁଣରେ କମ ନୁହଁନ୍ତି । ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀମାନେ ଚାକିରି କରିବା ଅପେକ୍ଷା ଅନେକଙ୍କୁ ଚାକିରି ଦେବା ଦିଶାରେ କାର୍ଯ୍ୟ କରିବେ ବୋଲି ବିଶ୍ୱାସ ରହିଛି । ଆଗାମୀ ୨୫ ବର୍ଷ ଭାରତର ପ୍ରଗତିର ସୁବର୍ଣ୍ଣ ସମୟ ହେବ । ବିଶ୍ୱର ଏକ ନମ୍ବର ଅର୍ଥନୀତିରେ ପରିଣତ ହେବା ଆମ ଦେଶର ଭାଗ୍ୟରେ ଲେଖାଯାଇଛି । ସମଗ୍ର ବିଶ୍ୱ ଆଜି ଭାରତକୁ ବହୁତ ଆଶାର ସହ ଦେଖୁଛି । ସାରା ଦୁନିଆର ସମସ୍ୟାର ସମାଧାନର ସୂତ୍ର କାଶୀ ଓ ଆଇଆଇଟି ବିଏଚୟୁ ଭଳି ଅନୁଷ୍ଠାନ ପାଖରେ ରହିଛି । ନିଜର ବୌଦ୍ଧିକ ଦକ୍ଷତା ବଳରେ ଆମର ଛାତ୍ରଛାତ୍ରୀମାନେ ଭାରତ ଏବଂ ସମଗ୍ର ବିଶ୍ୱର ଆବଶ୍ୟକତା ପୂରଣ କରିବେ ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି । ବାରଣାସୀ ଗସ୍ତ କାଳରେ ଶ୍ରୀ ପ୍ରଧାନ ବାବା ବିଶ୍ୱନାଥ ମନ୍ଦିର ଓ ବାବା କାଳ ଭୈରବ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ ।

## ଶିଶୁ ଚାଲାଣ ଏକ ସମ୍ବେଦନଶୀଳ ପ୍ରସଙ୍ଗ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆଜି ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ମହିଳା ଓ ଶିଶୁ ବିକାଶ ବିଭାଗ ଓ ଅନ୍ତରାଷ୍ଟ୍ରୀୟ ସଂସ୍ଥା ୟୁନିସେଫ୍‌ର ସହଭାଗିତାରେ ଆୟୋଜିତ ହୋଇଯାଇଛି ଶିଶୁ ଚାଲାଣକୁ ଦୂର କରିବା ନିମନ୍ତେ ଏକ ରାଜ୍ୟସ୍ତରୀୟ ପରାମର୍ଶ ବୈଠକ । ଏହି କାର୍ଯ୍ୟକ୍ରମରେ ମାନ୍ୟବର




ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଶିଶୁ ଚାଲାଣ ଏକ ସମ୍ବେଦନଶୀଳ ପ୍ରସଙ୍ଗ । ରାଜ୍ୟ ସରକାର ଶିଶୁ ଓ ମହିଳା ଚାଲାଣ ରୋକିବାର ସମସ୍ତ ଦିଗକୁ ପ୍ରାଥମିକତା ଦେଉଛନ୍ତି । ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମକାନୁନକୁ କଡାକଡି କରିବା ସହ ଶିଶୁମାନଙ୍କର ଡିଜିଟାଲ ବ୍ୟବହାରକୁ ନିୟନ୍ତ୍ରଣ କରିବାର ସମୟ ଆସିଛି ବୋଲି ଶ୍ରୀମତୀ ପରିଡା ମତବ୍ୟକ୍ତ କରିଥିଲେ । ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମକୁ ଶିଶୁ ସୁରକ୍ଷା କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣି ଗାଁ ଗାଁରେ ସଚେତନତାର ବାର୍ତ୍ତା ଓ ହେଲପ୍‌ଲାଇନ ନମ୍ବରକୁ ସକ୍ରିୟ କରିବାର ପରାମର୍ଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା । ଏହି ଲଢେଇରେ ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ସହ ଶିଶୁ ଚାଲାଣକୁ ମୂଳପୋଛ କରିବା ପାଇଁ ମିଶନ ମୋଡ୍ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଲେ ଶ୍ରୀମତୀ ପରିଡା । ଏହି ପରିପ୍ରେକ୍ଷୀରେ ଆଜିର ଆଲୋଚନାରେ ନିଷ୍କର୍ଷ ସମସ୍ତ ପ୍ରସ୍ତାବ ଓ ମତାମତକୁ ସମ୍ମାନ ଦିଆଯିବା ସହ ସମ୍ଭାବ୍ୟ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ ଉପମୁଖ୍ୟମନ୍ତ୍ରୀ ।





# ଫକୀରମୋହନ ସାହିତ୍ୟ ପରିଷଦର କର୍ମକର୍ତା ନିର୍ବାଚନ
# ଡ. ସୁବାସ ଚନ୍ଦ୍ର ପାତ୍ର ସଭାପତି ଓ ଡ. ରତ୍ନାକର ସିଂହ ସଂପାଦକ





ବାଲେଶ୍ୱର(ନି.ପ୍ର.) ଫକୀରମୋହନ ସାହିତ୍ୟ ପରିଷଦର ଆଗାମୀ ୨୦୨୪-୨୭ ତିନିବର୍ଷ ପାଇଁ କର୍ମକର୍ତା ନିର୍ବାଚନ ଶାନ୍ତିକାନନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଡ. ସୁବାସ ଚନ୍ଦ୍ର ପାତ୍ର ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଡ. ରତ୍ନାକର ସିଂହ ୧୩୬ ଖଣ୍ଡ ଭୋଟ ପାଇ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ତାଙ୍କ ବିପକ୍ଷରେ ଡ. ପ୍ରଦୀପ୍ତ କୁମାର ମିଶ୍ର ୯୯ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ଉପସଭାପତି ଭାବେ ଅଞ୍ଜଳି ପଣ୍ଡା ଓ ଦୀନବନ୍ଧୁ ଲେଙ୍କା ବିଜୟ ହାସଲ କରିଥିବାବେଳେ ଯତୀନ୍ଦ୍ର ପୁହାଣ ପରାଜୟ ବରଣ କରିଛନ୍ତି । ଯୁଗ୍ମ ସଂପାଦକ ଭାବେ କଲ୍ୟାଣୀ ନନ୍ଦ ଓ ରାଜେଶ ଗିରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ତନପ ରାୟ ନିର୍ଦ୍ୱନ୍ଦ୍ୱରେ ତାଙ୍କର ପୂର୍ବ ଆସନ ବଜାୟ ରଖିପାରିଛନ୍ତି । ପରିଷଦ ଇତିହାସରେ ପ୍ରଥମ କରି ନିର୍ବାଚନ ହୋଇଥିବା କାର୍ଯ୍ୟକାରୀ ସମିତିର ସଭ୍ୟ ଭାବରେ ଡ. ଶିରୀଶ ଚନ୍ଦ୍ର ଜେନା, ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡ. ସାରଙ୍ଗଧର ତ୍ରିପାଠୀ, ରଂଜନ ବାଗ, ପ୍ରଦୀପ ଚାଟାର୍ଜୀ, ସ୍ମୃତି ଦାସ, ଡ. ହରିଶ୍ଚନ୍ଦ୍ର ବେହେରା, ବିଷ୍ଣୁପ୍ରସାଦ ମହାନ୍ତି, ଯଶୋଧାରା ଦାସ ଓ ଡ. ସୁକାନ୍ତ ଗିରି ନିର୍ବାଚିତ ହୋଇଛନ୍ତି । ବରିଷ୍ଠ ସଦସ୍ୟ ଡ. ଭାଗବତ ପ୍ରସାଦ ଦାସ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ପଣ୍ଡିତ ସଂଜୟ ପଣ୍ଡା, କରୁଣାକର ସ, ଡ. କୁମାର ଗୋପାଲ, ଶାନ୍ତିଲତା ପଣ୍ଡା ଓ ପ୍ରବୀର କାମିଲା ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ । ପୂର୍ବାହ୍ଣ ୯ ଘଟିକା ସମୟରେ ପରିଷଦର ସାଧାରଣ ପରିଷଦ ବୈଠକ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇ ଦିନ ୧.୩୦ ପର୍ଯ୍ୟନ୍ତ ଚାଲିଥିଲା । ସଂପାଦକ ଦୀପକ ବୋଷ ସଂପାଦକୀୟ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ତପନ ରାୟ ଆୟବ୍ୟୟ ବିବରଣୀ ପାଠ କରିଥିଲେ । ଦିନ ଦୁଇଟାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହୋଇଥିଲା । ଭୋଟ ଗଣତି ପରେ ରାତି ୯.୩୦ ସମୟରେ ଫଳାଫଳ ଘୋଷଣା କରାଯାଇଥିଲା ।

# ‘ଦାନା’ ପାଇଁ ଭାରତୀୟ କମ୍ୟୁନିଷ୍ଟପାର୍ଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ




ବାଲେଶ୍ୱର(ନି.ପ୍ର.) ବାତ୍ୟା ‘ଦାନା’ର ପରିଚାଳନା ଓ ମୁକାବିଲାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଲୋକଙ୍କୁ ରକ୍ଷା କରିବା ପରିବର୍ତେ ସରକାର ନିଜର ଆତ୍ମ ପ୍ରଚାରରେ ଲାଗିଛନ୍ତି । ‘ଜିରୋ’ କାଜୁଆଲିଟିର ପ୍ରଚାର କରୁଥିବା ସରକାର ରାଜ୍ୟରେ ୪ଜଣଙ୍କ ମୃତ୍ୟୁକୁ ସ୍ୱୀକାର କରିବା ଓ ଉକ୍ତ ତଥ୍ୟକୁ ଲୁଚାଇବା ଘୋର ପରିତାପର ବିଷୟ ବୋଲି ସିପିଆଇଏମ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ୨୮ ତାରିଖ ପୂର୍ବାହ୍ନରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଲୋକଙ୍କ ସଂଖ୍ୟାକୁ ପ୍ରକୃତ ସଂଖ୍ୟାଠାରୁ ଅଧିକ ଦର୍ଶାଇବା, ନିମ୍ନମାନର ଅଧାପେଟୁଆ ଖାଦ୍ୟ ଦେବା, ଦଳୀୟ ଭିତିରେ ରିଲିଫ୍ ବାଂଟିବା ଏମିତିକି ଆଶ୍ରୟସ୍ଥଳରେ ସାଧାରଣ ସୁସୁବିଧା ସୁଯୋଗରେ ଯୋଗାଇବା ସରକାର ସପମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସିପିଆଇଏମ ଦାବି କରିଛି । ଜିଲ୍ଲାରେ ଧାନ ଫସଲର କ୍ଷତି, ସରକାରୀ ସହାୟତା, ଚାଷୀଙ୍କୁ ସହାୟତା, ଋଣ ଛାଡ଼ ଏବଂ ପନି ପରିବା ବ୍ୟାପକ କ୍ଷତି, ସରକାର ପ୍ରକୃତ ତଥ୍ୟ ଲୁଚାଇବା ପାଇଁ ଅପଚେଷ୍ଟା କରୁଛନ୍ତି । ସେହିଭଳି ଔପଦା, ନୀଳଗିରି, ରେମୁଣା, ଭୋଗରାଇ, ଖଇରା,ସୋର, ବାହାନଗା, ଜଳେଶ୍ୱର ପ୍ରମୁଖ ପ୍ଲଟରେ ଧାନ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି । ଯାହା ଫଳରେ ଲୋକେ ଏମିତିକି ନିଜର ଘର ଭାଙ୍ଗିଯାଇଥିଲେ ମଧ୍ୟ ସାହାଯ୍ୟ ପାଇବାରୁ ବଂଚିତ ହେବେ । ଏଣୁ ସିପିଆଇଏମର ଏକ ପ୍ରତିନିଧି ଦଳ ୨୭ ତାରିଖ ରେମୁଣା, ନୀଳଗିରି, ଔପଦା ବ୍ଲକର ବିଭିନ୍ନ ପଂଚାୟତ ଗସ୍ତକରି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା କ୍ଷୟକ୍ଷତି ଆକଳନ କରିଛନ୍ତି ବୋଲି ଜିଲ୍ଲା ସମ୍ପାଦକ ଶିଶିର ହୁଇ, ରାଜ୍ୟ କମିଟି ସଦସ୍ୟ ନିର୍ମଳ ନାୟକ, ସୀତାଂଶୁ ସେନାପତି, ବିଜୟ ପାତ୍ର ଓ ଜ୍ୟୋତିର୍ମୟ ରାଉତ ପ୍ରମୁଖ ସୂଚନା ଦେଇଥିବା ବେଳେ ସରକାରଙ୍କ ଠାରେ ଦାବି କରିଛନ୍ତି କି, ଘରଭାଙ୍ଗି ସହାୟତା, ଚାଷୀ ସହାୟତା, ଋଣ ଛାଡ଼, ସ୍ୱାସ୍ଥ୍ୟ ସମସ୍ୟା ଗୁଡ଼ିକ ଯୁଦ୍ଧକାଳୀନ ଭିତିରେ ସୁବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି ।

# ବାଲେଶ୍ୱର ଜିଲ୍ଲା କବାଡ଼ି ପ୍ରତିଯୋଗିତା




ବାଲେଶ୍ୱର (ନି.ପ୍ର.)ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ଆନୁକୁଲ୍ୟରେ ଜିଲ୍ଲା ପୁରୁଷ ଓ ମହିଳା କବାଡି ପ୍ରତିଯୋଗୀତା ନଭେମ୍ବର ମାସ ୫ ଏବଂ ୬ ତାରିଖରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡା ସଂଘ ର ସାଧାରଣ ସମ୍ପାଦକ ଶ୍ରୀ ଅଧୀପ ଦାସ ଜଣାଇଛନ୍ତି ।ଏହି ପ୍ରତୀଯୋଗୀତାରେ ଭାଗ ନେବାପାଇଁ ଆଗ୍ରହି ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଂଗଠନ ର ପ୍ରତୀଯୋଗୀ ମାନେ ନଭେମ୍ବର ମାସ ୩ ତାରିଖ ସୁଧା ପଞ୍ଜିକରଣ କରିବେ ।ଖେଳ ସମ୍ପର୍କରେ ଅଧୀକ ଜାଣିବା ପାଇଁ ଯୁଗ୍ମ ସଂମ୍ପାଦକ ଶ୍ରୀ କାର୍ତିକ ଚନ୍ଦ୍ର ନାୟକ (୬୩୭୦୧୦୭୭୩୮)ଏବଂ ଶ୍ରୀବିରେନ୍ଦ୍ର କୁମାର ସ୍ୱାଇଁ (୮୧୪୪୬୮୯୪୮୫) ଙ୍କ ସହିତ ଯୋଗା ଯୋଗ କରିବେ ଏବଂ ଏହି ପ୍ରତୀଯୋଗୀତାରୁ ଚୟନ ହୋଇଥିବା ଖେଳାଳି ମାନେ ରାଜ୍ୟ ସ୍ତରୀୟ କବାଡି ପ୍ରତୀଯୋଗୀତା ରେ ବାଲେଶ୍ୱର ଜିଲ୍ଲା ତରଫଂରୁ ପ୍ରତିନିଧୀତ୍ୱ କରିବେ ବୋଲି ଜିଲ୍ଲା କ୍ରୀଡା ସଂଘ ର ସାଧାରଣ ସମ୍ପାଦକ ଶ୍ରୀ ଦାସ ଜଣାଇଛନ୍ତି ।

# ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଆସନ୍ତା ୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ



ବାଲେଶ୍ୱର(ନି.ପ୍ର.) ଅଲ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ବାଲେଶ୍ୱର ଶାଖା ପକ୍ଷରୁ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ସଂଗଠନର ନୀଳାମ୍ବର ଦାସ ଓ ଗୋପାଳକୃଷ୍ଣ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୨୮ ତାରିଖ ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି କି, ଆସନ୍ତା ୩୦ ତାରିଖ ଠାରୁ ବାଲେଶ୍ୱରରେ କାର୍ଯ୍ୟରତ ୩୦୦ରୁ ଉର୍ଦ୍ଧ୍ୱ ୧୦୮ ଆମ୍ବୁଲାନ୍ସ ଚାଳକ କଳାବ୍ୟାଚ ପରିଧାନ କରି ୨ଦିନ ନିଜର କାର୍ଯ୍ୟ ସମ୍ପାଦନ କରିବେ । ଯଦି ସରକାର ଓ ପ୍ରଶାସନ ସେମାନଙ୍କ କଥା ନବୁଝନ୍ତି, ତେବେ ୧ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସୂଚାଇଛନ୍ତି । ପ୍ରକାଶଯେ, କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ନୂତନ କମ୍ପାନୀରେ ନିଯୁକ୍ତି, ଠିକ୍ ସମୟରେ ପାରିଶ୍ରମିକ ନିର୍ଦ୍ଧାରଣ, ଓଭରଡ୍ୟୁଟି ଘଂଟାପ୍ରତି ପାରିଶ୍ରମିକ, ଠିକା ସଂସ୍ଥାରୁ ମୁକ୍ତ କରାଇ ନିୟମିତ, ୧୨ଘଂଟା କାର୍ଯ୍ୟକୁ ୧୨ଘଂଟାର ପ୍ରାପ୍ୟ, ୧୨ବର୍ଷ କାର୍ଯ୍ୟ କଲାପରେ ଦରମା ଯେତିକିକୁ ସେତିକି , ଦରମା ଅଭିବୃଦ୍ଧି, ଅଭିଜ୍ଞ ପିଲାଙ୍କୁ ପାରିଶ୍ରମିକ ଦିଆଯିବା, ମୃତ୍ୟୁକାଳୀନ ଅନୁକମ୍ପା ୨୦ଲକ୍ଷ ରାଶି, ଅନୁକମ୍ପା ଅକର୍ମଣ୍ୟକୁ ୧୦ଲକ୍ଷ, ବେନିୟମ ଛଟେଇ, ସାନିଟାଇଜ୍ କରିବା, ଆମ୍ବୁଲାନ୍ସ ଧୋଇବା, ବିଶ୍ରାମ ଖାଇବା ସୁବିଧା, ଶୌଚାଳୟ ବ୍ୟବସ୍ଥା ଇତ୍ୟାଦି ସମେତ ଅଚଳ ଆମ୍ବୁଲାନ୍ସକୁ ସଚଳ କରାଇବା ପାଇଁ ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଶ୍ରମମନ୍ତ୍ରୀ ଏବଂ ଓଡ଼ିଶା ଏନଏଚଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

# TPNODL ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ୯୮% ଅଂଚଳକୁ ବିଦ୍ୟୁତ୍ ସଂଯୋଗ





ବାଲେଶ୍ୱର(ନି.ପ୍ର.)ବାତ୍ୟା ‘ଦାନା’ରେ ଗୁରୁତର ପ୍ରଭାବିତ ହୋଇଛି ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଦ୍ୟୁତ ସେବା । ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍(ଟିପିଏନଓଡଏଲ) ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଜାରି ରହିଥିବାବେଳେ ପ୍ରାୟ ୯୮ପ୍ରତିଶତ ଅଂଚଳକୁ ଏଯାବତ ବିଦ୍ୟୁତ ସଂଯୋଗ ହୋଇ ସାରିଛି । ସ୍ଥିତି ସ୍ୱାଭାବିକ କରିବା ପାଇଁ କର୍ମଚାରୀମାନେ ଆହୋରାତ୍ର କାର୍ଯ୍ୟରତ ଥିଲେ ହେଁ ଅଧିକାଂଶ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ବାତ୍ୟା ପ୍ରଭାବରେ ବର୍ଷା ଯୋଗୁ ଜଳାର୍ଣ୍ଣବ ତଳିଆ ଅଂଚଳ । ଅକାତ ପାଣି । ନଈ ନାଳରେ ସରୀସୃପଙ୍କ ଭୟ । ଧାନ ବିଲରେ ମିଳୁନି ରାସ୍ତା । ପାଦେ ପାଦେ ରହିଛି ବିପଦ । ପାଣି କାଦୁଅରେ ପାଦ ସଳଖି ଛିଡ଼ା ହେବା କଷ୍ଟ । ହେଲେ ଏପରି ସ୍ଥିତିରେ ବି ଓଜନିଆ ବିଦ୍ୟୁତ ଖୁଣ୍ଟ ବୁହା ହେଉଛି । ତାର, ଶଙ୍ଖ ଭଳି ଭାରି ସାମଗ୍ରୀ କର୍ମଚାରୀ କାନ୍ଧେଇ ନେଉଛନ୍ତି । ମରମାତିରେ ମାତିଛନ୍ତି । ବିଲ, ଖାଲ, ବଣ ଜଙ୍ଗଲ, ନୟନଯୋରୀ ସବୁକୁ ଡେଉଁଛନ୍ତି ।ବାତ୍ୟା ପରେ କିଭଳି ଲୋକେ ବିଦ୍ୟୁତ ସେବା ପାଇପାରିବେ, ଏ ସବୁ ପ୍ରତିକୂଳ ସ୍ଥିତିକୁ ସାମ୍ନା କରି ଟିପିଏନଓଡଏଲର କର୍ମଚାରୀମାନେ ବିଦ୍ୟୁତ ଭିତିଭୂମି ପୁନରୁଦ୍ଧାର କାର୍ଯ୍ୟରେ କାର୍ଯ୍ୟରତ । ବାତ୍ୟାରେ ଭଦ୍ରକ ଜିଲ୍ଲା ଭଦ୍ରକ ସାଉଥ୍ ଓ ନର୍ଥ ଇଲେକ୍ଟ୍ରିକାଲ୍ ଡିଭିଜନ ଏବଂ ବାଲେଶ୍ୱର ଜିଲ୍ଲାର ସୋର ଇଲେକ୍ଟ୍ରିକାଲ୍ ଡିଭିଜନରେ ଅଧିକ ମାତ୍ରାରେ କ୍ଷୟକ୍ଷତି ଘଟିଛି । ଭଦ୍ରକ ଜିଲ୍ଲାର ଧାମରା, ବାସୁଦେବପୁର, ଚାନ୍ଦବାଲି , ଇରମ, ର ।ହଞ୍ଜ, ତିହିଡି ଅଂଚଳରେ ଅଧ?ିକ ମାତ୍ରାରେ ପ୍ରଭାବିତ ହୋଇଥିବା ବେଳେ ସୋର ଡିଭିଜନ ଅଧୀନରେ ଔପଦା, ସୋର, ସିମୁଳିଆ, ବାହାନଗା, ଖଇରା ଆଦି ଅଂଚଳରେ ଅଧିକ ବାତ୍ୟା ପ୍ରଭାବିତ ହୋଇଛି । ବିଦ୍ୟୁତ୍ ଫିଡର, ବିଦ୍ୟୁତ ତାର ଉପରେ ବଡ଼ ବଡ଼ ଗଛ ପଡ଼ିବା ଏବଂ ପବନରେ ଖୁଣ୍ଟ ଭାଙ୍ଗିବା ଆଦି ଫଳରେ ବିଦ୍ୟୁତ ସେବା ବ୍ୟାଘାତ ଘଟିଛି । ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ ଟିପିଏନ୍?ଡିଏଲ୍ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । ପ୍ରଭାବିତ ଅଂଚଳରେ ବିଦ୍ୟୁତ ସେବା ପ୍ରଭାବିକ କରିବା ପାଇଁ ଟିପିଏନ୍ଓଡିଏଲର ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ଅଧିକାଂଶ ସ୍ଥାନରେ ବର୍ଷା ପରେ ପାଣି ଜମା ହୋଇଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ସୂଚନା ମୁତାବକ ଟିପିଏନଓଡଏଲ ଅଧୀନରେ ୭୨ଟି ୩୩ କେଭି ଫିଡର, ୬୬୨ଟି ୧୧ କେଭି ଫିଡର, ୬୬ହଜାରରୁ ଅଧିକ ଡ଼ିଟିଆର ଏବଂ ୧୪.୫୫ ଲକ୍ଷ ଉପଭୋକ୍ତା ବାତ୍ୟା ଯୋଗୁ ପ୍ରଭାବିତ ହୋଇଥିଲେ । ଏଯାବତ୍ ସମସ୍ତ ୩୩ କେଭି ଓ ୧୧ କେଭି ଏବଂ ୬୪ହଜାର ଡ଼ିଟିଆର ମରାମତି ହୋଇ ସାରିଛି । ୯୮ପ୍ରତିଶତରୁ ଅଧିକ ଅଂଚଳକୁ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ଅବଶିଷ୍ଟ ଅଂଚଳରେ ସ୍ଥିତି ସ୍ୱାଭାବିକ କରିବାକୁ କର୍ମଚାରୀମାନେ ତତ୍ପର ମଧ୍ୟ ଅଛନ୍ତି ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରିପୋର୍ଟ କାର୍ଡ଼ ଉନ୍ମୋଚନ



ବାଲେଶ୍ୱର(ନି.ପ୍ର.): ସମାଜରେ ସମସ୍ତଙ୍କ ମଧରେ ସୁସମ୍ପର୍କ ବଜାୟ ରଖିବା ପାଇଁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଅଭିନବ ପ୍ରୟାସ ଜାରି ରଖିଛି । ଏହି କ୍ରମରେ ଭଦ୍ରକ ଓ ବାଲେଶ୍ୱରରେ ଜୁନ୍ ୨୦୨୪ରେ ହୋଇଥିବା କର୍ଫ୍ୟୁ ପରବ□ୀ ସମୟରେ ରାଜ୍ୟ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ପଥ ପ୍ରାନ୍ତ ନାଟକ, ସଚେତନତା ସଭା, ସର୍ବ ଧର୍ମ ପ୍ରାର୍ଥନା ସଭା, ପିଲାମାନଙ୍କ ମଧରେ ଗାନ୍ଧିଜୀଙ୍କ ଜୀବନୀ ସଂପର୍କରେ କୁଇଜ୍ ପରୀକ୍ଷା ବାଲେଶ୍ୱରର ସମସ୍ତ ହାଇସ୍କୁଲ୍‌ରେ ଅନୁଷ୍ଠିତ ହୋଇଯାଇଛି । କର୍ଫ୍ୟୁ ପରଠାରୁ ଆଜି ପର୍ଯ୍ୟନ୍ତ ବାଲେଶ୍ୱର କେନ୍ଦ୍ର ଯାହା କାର୍ଯ୍ୟକ୍ରମ କରିଛି, ସେ ବିଷୟରେ ଏକ ରିପୋର୍ଟ କାର୍ଡ଼ ବୁକ୍‌ଲେଟ୍ ଆକାରରେ ପ୍ରସ୍ତୁତ କରି ରାଜ୍ୟ କାର୍ଯ୍ୟକାରିଣୀ ପ୍ରଦାନ କରିବା ପରେ ତାହା ଗାନ୍ଧୀବାଦୀ ଶ୍ରୀମତୀ କୃଷ୍ଣା ମହାନ୍ତି, ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି ଓ ରାଜ୍ୟ ସଂଯୋଜକ ଡା. ବିଶ୍ୱଜିତ୍‌ଙ୍କ କରକମଳରେ ଉନ୍ମୋଚିତ ହୋଇ ଲୋକାର୍ପିତ ହୋଇଛି । ଏହି ପୁସ୍ତିକା ବାଲେଶ୍ୱର କେନ୍ଦ୍ରର ଆବାହକ ଜିତେନ୍ଦ୍ର ଉପାଧ୍ୟାୟ, ମହମ୍ମଦ୍ ଇସଲାମ୍‌ଙ୍କ ଆନ୍ତରିକ ଉଦ୍ୟମ ଫଳରେ ପ୍ରକାଶିତ ହୋଇଥିବା ବେଳେ ବରିଷ୍ଠ ଆବାହକ ଗୌରାଙ୍ଗ ପାଣିଗ୍ରାହୀ ସହଯୋଗ କରିଥିଲେ । ତତ୍‌ସହିତ ରେମୁଣାର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ମଧ ଏଥିରେ ସହଯୋଗ କରିଥିଲେ । ବାଲେଶ୍ୱର କେନ୍ଦ୍ର ତରଫରୁ ଏକ ୫ଦିନିଆ ଯୁବ ତାଲିମ୍ ଶିବିର ଆୟୋଜନ କରିବା ପାଇଁ ଆବାହକ ଜିତେନ୍ଦ୍ର ଉପାଧ୍ୟାୟ ଓ ମହମ୍ମଦ ଇସ୍‌ଲାମଙ୍କ ପ୍ରସ୍ତାବକୁ ରାଜ୍ୟ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଅନୁମୋଦନ କରାଯାଇଛି । ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଗାନ୍ଧିଜୀଙ୍କର ବିଚାର ଓ ଆଦର୍ଶକୁ ଅନୁସରଣ କରି ସମାଜରେ ଶାନ୍ତି ବଜାୟ ରଖିବା ପାଇଁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ବୈଠକରେ ବାଲେଶ୍ୱର କେନ୍ଦ୍ରର ଆବାହକ ଜିତେନ୍ଦ୍ର ଉପାଧ୍ୟାୟ, ମହମ୍ମଦ ଇସ୍‌ଲାମ୍, ସଭ୍ୟ ପୁରୁଷୋ□ମ କାମିଳା, ଇନ୍ତେକାବ୍ ଅଲ୍ଲୀ ଖାନ୍, ସେକ୍ ଅକ୍ସର୍ ଅଲ୍ଲୀ ଓ ସଭ୍ୟା କବିତାରାଣୀ ଦାସ, ସାକିଲା ବାନୋ, ସରସ୍ୱତୀ ପଣ୍ଡା, ପ୍ରଣିତା ମିଶ୍ର, ସଂଯୁକ୍ତା ବେହେରା, ଅର୍ଚଣା ନନ୍ଦୀ ପ୍ରମୁଖ ଯୋଗ ଦେଇଥିଲେ ।

# ଆର୍‌ଏସ୍‌ଏସ୍ ପକ୍ଷରୁ ଶ୍ରୀରାମ ଶାଖା ବାର୍ଷିକୋତ୍ସବ ୩୦ରେ

ବାଲେଶ୍ୱର(ନି.ପ୍ର.): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବାଲେଶ୍ୱର ବଡ଼ଖୁଆ ଶାଖା ପକ୍ଷରୁ ଶ୍ରୀରାମ ଶାଖାର ବାର୍ଷିକୋତ୍ସବ ଆସନ୍ତା ୩୦ ତାରିଖ ବୁଧବାର ଅନୁଷ୍ଠିତ ହେବ । ଶ୍ରୀରାମ ଶାଖା ବାର୍ଷିକୋତ୍ସବ ୫୦ବର୍ଷରେ ପଦାର୍ପଣ କରିଛି । ସୁବର୍ଣ୍ଣ ଜୟନ୍ତୀ ଅବସରରେ ଶାଖାର ସ୍ୱୟଂସେବକମାନଙ୍କ ଦ୍ୱାରା ବିବିଧ କାର୍ଯ୍ୟକ୍ରମ ତଥା ସାଂସ୍କୃତିକ, ଶାରୀରିକ, ବୌଦ୍ଧିକ, ପଥ ସଂଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୩୦ ତାରିଖ ସନ୍ଧ୍ୟା ୫ଟା ୩୦ରୁ ରାତି ୮ଟା ୩୦ମିନିଟ୍ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ, ୩୧ ତାରିଖ ଗୁରୁବାର ୨ଟା ୩୦ରୁ ୩ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଭବ୍ୟ ପଥ ସଂଚଳନ, ୪ଟା ୧୫ରୁ ୬ଟା ପର୍ଯ୍ୟନ୍ତ ବୌଦ୍ଧିକ, ଶାରୀରିକ କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

# ‘ଚନ୍ଦ୍ରଭାଗା’ର ୩୫ତମ ସ୍ୱନକ୍ଷତ୍ର ସଂସ୍କରଣର ପ୍ରସ୍ତୁତି ବୈଠକ

ବାଲେଶ୍ୱର,(ନି.ପ୍ର.): ଜାତୀୟସ୍ତରୀୟ ଚନ୍ଦ୍ରଭାଗୋତ୍ସବର ୩୫ ତମ ସଂସ୍କରଣର ସ୍ୱନକ୍ଷତ୍ର ପାଳନ ନିମି□ ପ୍ରସ୍ତୁତି ବୈଠକ ଦୁଇଟି ପର୍ଯ୍ୟାୟରେ ସ୍ଥାନୀୟ କ୍ଷେତ୍ରସନ କ୍ଲବ୍ ପରିସରରେ ‘ଚନ୍ଦ୍ରଭାଗା’ର ଅନ୍ୟତମ ଉପଦେଷ୍ଟା ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ପାଣିଗ୍ରାହୀ ଓ ଜନଗଣର ଆଜୀବନ ସାଥୀ ‘ଚନ୍ଦ୍ରଭାଗା’ର ଶୁଭେଚ୍ଛୁ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସବୁ ବର୍ଷ ପରି ଏହି ଉତ୍ସବ ଆପାତତଃ ଡିସେମ୍ବର ମାସ ୨୮ ତାରିଖରୁ ଆରମ୍ଭ ହୋଇ ୨୦୨୫ ମସିହା ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରରେ ସାରସ୍ୱତ ସାଂସ୍କୃତିକ ଜାଗରଣ ନିମି□ ସପ୍ତାହ ବ୍ୟାପୀ ପାଳନ କରାଯିବାର ନିଷ୍ପ□ି ଗ୍ରହଣ କରାଯାଇଛି । ‘ନାଚ୍’ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ କଳାକାରମାନଙ୍କର ପ୍ରତିଭା ଚୟନ, ‘ୟଙ୍ଗହାର୍ଟ’ ମିଳିତ ଆନୁକୂଲ୍ୟରେ ଆନ୍ତଃରାଜ୍ୟ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ, ସର୍ବୋପରି ଆନ୍ତଃମହାବିଦ୍ୟାଳୟ ବହୁଭାଷୀ ନାଟ୍ୟ ପ୍ରତିଯୋଗିତା ଏବଂ ସାହିତ୍ୟର ସମସ୍ତ ବିଭାଗ-ଆଲୋଚନା ନୂଆ ପିଢ଼ିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଠନ ମନୋଭାବ ବୃଦ୍ଧି କରିବା ଆଦି କାର୍ଯ୍ୟକ୍ରମର ପ୍ରସ୍ତାବ ଆଗତ କରାଯାଇ ଉପସ୍ଥିତ ସଦସ୍ୟ ବରିଷ୍ଠ ବୈଜ୍ଞାନିକ ତପନ କୁମାର ବିଶ୍ୱାଳ, ଡକ୍ଟର ଦିଲ୍ଲିପ ରଥ, ବରିଷ୍ଠ ଉପଦେଷ୍ଟା ନାଟ୍ୟାନୁରାଗୀ କୈଳାସ ଚନ୍ଦ୍ର ଦାସ, ବିଶିଷ୍ଟ ଚିତ୍ରଶିଳ୍ପୀ ତାପସ ରଂଜନ ପଣ୍ଡା, ନିତ୍ୟାନନ୍ଦ ସାହୁ, ମରୁତ୍ କୁମାର ରାଉତ ଏବଂ ଶିଶୁସାହିତ୍ୟିକ ନାଟ୍ୟକାର ପିତାମ୍ବର ଦାସ, ‘ଚନ୍ଦ୍ରଭାଗା’ର ଆଜୀବନ ସଦସ୍ୟ ସନ୍ତୋଷ କୁମାର ପଣ୍ଡା, ମିଡିଆ ସଂଯୋଜିକା ଜ୍ୟୋତିର୍ମୟୀ ଶତପଥୀ, କବୟିତ୍ରୀ କମଳିନୀ କାନ୍ତ, ସଂଯୁକ୍ତା ବିଶ୍ୱାଳ, ପ୍ରତିମା ପଣ୍ଡା, ସର୍ବୋପରି ‘ଚନ୍ଦ୍ରଭାଗା’ର ଉପଦେଷ୍ଟା କବୟିତ୍ରୀ ଯଶୋଧାରା ଦାସ ପ୍ରମୁଖ ଉପସ୍ଥିତ ରହି ଗତ ୩୫ ବର୍ଷ ଧରି ‘ଚନ୍ଦ୍ରଭାଗା’ର ଉତ୍ଥାନ ପତନ ସଂପର୍କିତ ଆଲୋଚନା କରିବା ସଂଗେସଂଗେ ବିଭିନ୍ନ ପ୍ରସ୍ତାବମାନ ରଖିଥିଲେ । ଏହି ଅବସରରେ ୩୫ତମ ‘ଚନ୍ଦ୍ରଭାଗୋତ୍ସବ’ର କୃତି-କୃତିତ୍ୱ ଆଧାରିତ ବହୁବିଧ ଫଟୋଚିତ୍ରଯୁକ୍ତ ଚନ୍ଦ୍ରଭାଗା ସଦସ୍ୟମାନଙ୍କ ସ୍ୱଉପଲବ୍ଧି ଅଭିମତାଦି ସମ୍ବଳିତ ପୂର୍ବବତ୍ ‘ଚନ୍ଦ୍ରଭାଗା’ ପତ୍ରିକା ପ୍ରକାଶ କରାଯିବା ସଙ୍ଗେସଙ୍ଗେ ଏହାର ସମ୍ପାଦନା ଦାୟିତ୍ୱରେ ଅଭିଜ୍ଞ ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କୁ ସମ୍ପାଦନା ଏବଂ ଏହାର ପରିଚାଳନା ମଣ୍ଡଳୀରେ ଗାଳ୍ପିକ ଅଞ୍ଜନ ଚାନ୍ଦ୍, କବି ସୀତାଂଶୁ ଲେଙ୍କା, ଗାଳ୍ପିକ ସଞ୍ଜୟ ପଣ୍ଡା, କବି ସତ୍ୟ ସାହୁ, ସତ୍ୟ ସେଠୀ, ପାର୍ଥପ୍ରତିମ କର, ସନ୍ତୋଷ ଅଗସ୍ତି, ଆଡ୍. ସତ୍ୟବ୍ରତ ମହାପାତ୍ର, ସୁନୀଲ୍ ପଣ୍ଡା, ସତ୍ୟନାରାୟଣ ରଣା ପ୍ରମୁଖଙ୍କୁ ସମ୍ପାଦନା ମଣ୍ଡଳୀରେ ରଖାଯିବାର ନିଷ୍ପ□ି ନିଆଯାଇଛି ।ଏହି ପ୍ରସ୍ତୁତିବୈଠକ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଶଶିକାନ୍ତ ମହାନ୍ତି ମଂଚ□ଆହ୍ୱାନ କରିଥିବାବେଳେ ବରିଷ୍ଠ ଆଡ଼ଭୋକେଟ୍ ପର୍ଶୁରାମ ପ୍ରଧାନ ମଂଚ□ ପରିଚାଳନା କରିଥିଲେ ।



# ଜାତୀୟ ଆୟୁର୍ବେଦ ଦିବସ ପାଇଁ ବ୍ୟାପକ ପ୍ରସ୍ତୁତି

ବାଲେଶ୍ୱର(ନି.ପ୍ର.): ଆସନ୍ତା ୩୦ ତାରିଖ ବୁଧବାର ପୂର୍ବାହ୍ନରେ ଭଗବାନ ଶ୍ରୀ ଶ୍ରୀ ଆଦିଦେବ ତଥା ଆୟୁର୍ବେଦର ସୃଷ୍ଟିକର୍ତା ଧନ୍ୱନ୍ତରୀଙ୍କ ଜୟନ୍ତୀ ଓ ଜାତୀୟ ଆୟୁର୍ବେଦ ଦିବସ ପାଳନ ପାଇଁ ଜିଲ୍ଲା ଆୟୁର୍ବେଦିକ୍ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଜିଲ୍ଲା ଆୟୁର୍ବେଦ ଚିକିତ୍ସାଧିକାରୀ ମୁଖ୍ୟ ବାଲେଶ୍ୱର ମଣ୍ଡଳର ଡା. ରମେଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ୩୦ ତାରିଖ ବୁଧବାର ସକାଳ ୮ଘଟିକା ସମୟରେ ଧନ୍ୱନ୍ତରୀଙ୍କ ପୂଜା, ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୦ଘଟିକାରେ ପୁଷ୍ପାଂଜଳି ଏବଂ ୧୧ ଘଟିକାରେ ଆୟୁର୍ବେଦର ପ୍ରଚାର ଏବଂ ପ୍ରସାର ଦିଗରେ ଯୋଗ ଦେଇଥିବା ବିଭିନ୍ନ ଚିକିତ୍ସକଙ୍କ ମାଧ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି ଡା. ରମେଶ ଚନ୍ଦ୍ର ମିଶ୍ର ।

# ‘କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି’କୁ ଉଦ୍‌ଘାଟନ କଲେ ଲୋକସଭା ବାଚସ୍ପତି




ଭୁବନେଶ୍ୱର: ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଆଜି ଭୁବନେଶ୍ୱରର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟ ଠାରେ ‘କିଟ୍ ସ୍କୁଲ୍ ଅଫ୍ ପବ୍ଲିକ୍ ପଲିସି’କୁ ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏପରି ଏକ ଶିକ୍ଷାନୁଷ୍ଠାନ ଖୋଲିଥିବାରୁ ସେ କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ଶ୍ରୀ ବିର୍ଲା କହିଛନ୍ତି, ଯେକୌଣସି ସମାଜର ଗଠନ ଏବଂ ନାଗରିକଙ୍କ ଜୀବନକୁ ପ୍ରଭାବିତ କରିବାରେ ‘ଲୋକ ନୀତି’ ବା ପବ୍ଲିକ୍ ପଲିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମାଜର ଅଧିକାଂଶ ନାଗରିକ ନୀତି ନିର୍ଦ୍ଧାରଣରେ ଯୋଗଦାନ କରିବା ଉଚିତ୍ ବୋଲି ସେ ମତପ୍ରକାଶ କରିଛନ୍ତି । ଜନପ୍ରତିନିଧି ଓ ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର ସେତୁ ସକ୍ରିୟ ଓ ଜୀବନ୍ତ ହେବା ଦରକାର, ଯାହାଦ୍ୱାରା ଲୋକାଭିମୁଖୀ ଆଇନ ଓ ନୀତି ପ୍ରଣୟନ ହୋଇପାରିବ ବୋଲି ବାଚସ୍ପତି କହିଛନ୍ତି । ଶ୍ରୀ ବିର୍ଲା ଆହୁରି କହିଛନ୍ତି, ଆଜିର ସମୟରେ ସୂଚନା ପ୍ରଯୁକ୍ତି ବିଦ୍ୟା (ଆଇଟି)ର ବ୍ୟବହାର ଲୋକ ନୀତି ନିର୍ଦ୍ଧାରଣରେ ସାଧାରଣ ଜନତାଙ୍କ ଅଂଶଗ୍ରହଣ ବୃଦ୍ଧି କରିପାରିଛି । ଏଭଳି ପରିସ୍ଥିତିରେ ଅଧିକରୁ ଅଧିକ ଲୋକଙ୍କ ନୀତି ପ୍ରଣୟନରେ ସକ୍ରିୟ ଅଂଶଗ୍ରହଣ ସହିତ ନୀତି ନିର୍ଦ୍ଧାରଣ ପାଇଁ ନିଜର ମତାମତ ଦେବା ଉଚିତ । ଯାହା ଫଳରେ ପ୍ରସ୍ତୁତ ନୀତି ଏବଂ ଆଇନ ଅଧିକ ପ୍ରାସଙ୍ଗିକ ଏବଂ ସ୍ୱଚ୍ଛ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏଥିପୂର୍ବରୁ ବାଚସ୍ପତି ଶ୍ରୀ ବିର୍ଲା କିସ୍ ପରିସରରେ ଜନଜାତି ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରିଥଲେ ଏବଂ ସେମାନଙ୍କୁ ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବାକୁ ପରାମର୍ଶ ଦେଇଥିଲେ ।

# ମୁନିସିପାଲଟି ଅତିଥି ଭବନ ଲିଜ୍‌କୁ ବୃଦ୍ଧି କରାନଯାଉ: ପୀତବାସ ପଣ୍ଡା

ବ୍ରହ୍ମପୁର(ନିପ୍ର): ମୁନିସିପାଲିଟି ଅଧିନରେ ଥିବା ଅତିଥି ଭବନକୁ ଗତ ପାଂଚବର୍ଷ ତଳେ ଅର୍ଥାତ ୧୬.୧୧.୧୯ ରେ ତତ୍କାଳୀନ ବିଜେଡି ସରକାର ଏକ ଅଦୃଶ୍ୟ ଲାଳସାର ବସବତୀ ହୋଇ ମ୍ୟୁନିସପାଲିଟି ଗେଷ୍ଟ ହାଉସକୁ ଲିଜ ସୂତ୍ର ରେ ଏକ ଘରେଇ କମ୍ପାନୀ ଗାୟତ୍ରୀ ଟେକନୋ ସଲୁସନ୍ କୁ ପାଂଚ ବର୍ଷ ପାଇଁ ଦେଇଦେଲେ । ଲିଜ ର ଚୁକ୍ତି ପ୍ରକାରେ ପ୍ରଥମ ଛଅ ମାସ ଉକ୍ତ ଘରୋଇ କମ୍ପାନୀକୁ ଭଡା ଛାଡ କରିଦେଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅସଲି ଚୁକ୍ତିପତ୍ରକୁ କାଟ ଛାଟ କରି ପୌରକର୍ତୃପକ୍ଷ ଏକ ବେଆଇନି ମଦ ଦୋକାନ ଖୋଲିବାକୁ ଅନୁମତି ଦେଇ ଜାଣି ନଜାଣିଲା ପରି ଅଭିନୟ କରି ବ୍ରହ୍ମପୁର ଜନସାଧାରଣଙ୍କର ଏହି ମୂଲ୍ୟବାନ ସମ୍ପତିକୁ ଏକ ଘରୋୟୀ ବ୍ୟବସାୟ ପ୍ରତଷ୍ଠାନର ହାତକୁ ଟେକିଦେଲେ । ଲିଜ୍‌ର ଚୁକ୍ତି ଅନୁଯାୟୀ ଅକ୍ଟୋବର ୩୧ ଓ ନଭେମ୍ବର ୧ ଦୁଇ ଦିନ ଧରି ଅତିଥି ଭବନର ସମ୍ପତିର ସୁରକ୍ଷା, ମୂଲ୍ୟାୟନ ଓ ଚୁକ୍ତିପତ୍ରର ପୁନଃନବି କରଣର ନିୟମାବଳୀ ଥିଲେ ମଧ୍ୟ ଏହି ସର୍ତାବଳିକୁ ଉଭୟ ମୁନିସିପାଲିଟି ଓ ଲିଜ ଧାରି ପାଳନ କରିନାହାନ୍ତି । ପୌର ଅତିଥି ଭବନ ପରିସରରେ ମଦବାରକୁ ବନ୍ଦ କରିବା ପାଇଁ ଯେତବେଳେ ମୁନିସିପାଲିଟି କର୍ତୃପକ୍ଷ ଲୋକଙ୍କ ଦାବୀ ଫଳରେ ଲିଜଧାରିଙ୍କୁ ନୋଟିସ ପଠାଇଲେ ସେତେବେଳେ ଲିଜଧାରୀ ମାନ୍ୟବର ଅଦାଲତ ର ରହିତାଦେଶ ଆଣିବାକୁ ସୁଯୋଗ ପାଇଲେ । ଅର୍ଥାତ୍ ଆସନ୍ତା ୧୬.୧୧.୨୦୨୪ ତାରିଖ ରେ ବ୍ରହ୍ମପୁର ପୌର ଅତିଥି ଭବନର ଲିଜ ଅବଧି ପାଂଚ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି । କର୍ତୃପକ୍ଷ ଏବେ ଠାରୁ ସଂପୃକ୍ତ ବ୍ୟବସାୟୀକୁ ଅତିଥି ଭବନ ରୁ ହଟାଇବା ପାଇଁ ବିଧି ବ୍ୟବସ୍ଥାର ଅନୁସରଣ କରନ୍ତୁ, ନଚେତ୍ ଭୂତ ହୋଇ ଲାଗିବା ଓ ଗୁଣିଆ ହୋଇ ଝାଡ଼ିବା ନୀତିରେ ପୌର କର୍ତୃପକ୍ଷ ଙ୍କର ଦୋ ମୁହାଁ ନୀତି ପଦାରେ ପଡ଼ିବ । ପ୍ରତିବର୍ଷ ଅକ୍ଟୋବର ୩୧ ଓ ନଭେମ୍ବର ୧ ଦୁଇଦିନ ଧରି ପୌର କର୍ତୃପକ୍ଷ ଗେଷ୍ଟ୍ ହାଉସ୍ ର ମୂଳ ଢାଂଚାର ସୁରକ୍ଷା ଓ ସମ୍ପତିର ଅନୁସନ୍ଧାନ କରିବା ବିଷୟ ଚୁକ୍ତି ପତ୍ର ରେ ଥିବା ସ୍ଥଳେ କେଉଁ କାରଣ ଓ ଭୁଲ୍ ପାଇଁ ଅତିଥି ଭବନ ପରିସରରେ ମଦ ଦୋକାନ ପାଇଁ ଏକ କୋଠା ନିର୍ମାଣ ହେଲା, ଗେଷ୍ଟ ହାଉସ ଆଗରେ ଫାଷ୍ଟ ଫୁଡ୍ ଖୋଲିବା ଓ ଅତିଥି ଭବନ ନାମ ପରିବର୍ତ୍ତନ କରି ଗାୟତ୍ରୀ ଗେଷ୍ଟ ହାଉସ ନାମ ଦେବା କର୍ତୃପକ୍ଷ ଜାଣି ପାରିଲେ ନାହିଁ ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପକ୍ଷରୁ ସାଧୁତାର ଶପଥ ପାଠ



କଟକ(ନିପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୪ ପାଳନ ଅବସରରେ ଆଜି ପୂର୍ବାହ୍ନ ୧୦ଘଟିକା ସମୟରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ସାଧୁତାର ଶପଥ ପାଠ କରିଛନ୍ତି । ଓସ୍ୱାନ ହଲଠାରେ ଆଭାସି ମାଧ୍ୟମରେ ସିଧା ପ୍ରସାରଣରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଦୁର୍ନୀତି ନିବାରଣ ଉପରେ ଶପଥ ପାଠ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ଶ୍ରୀ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡା ଦିବ୍ୟଲୋଚନ ମହାନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏବଂ ଷ୍ଟାଫ କମିଟିର ସଦସ୍ୟ/ସଦସ୍ୟା ପ୍ରମୁଖ ଯୋଗଦେଇ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରିଥିଲେ ।

# ‘ମ୍ୟୁଲ’ ବ୍ୟାଙ୍କ ଆକାଉଂଟ ଓ ବେଆଇନ ପେମେଂଟ ଗେଟ୍‌ୱେ ବିରୁଦ୍ଧରେ ସତର୍କ ସୂଚନା ଜାରି କଲା ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ମାର୍ଗଦର୍ଶନରେ ଗୃହ ମନ୍ତ୍ରଣାଳୟ ସାଇବର ସୁରକ୍ଷିତ ଭାରତ ଗଠନ ପାଇଁ ସମସ୍ତ ପଦକ୍ଷେପ ନେଉଛି । ଗୁଜରାଟ ପୁଲିସ ଏବଂ ଆନ୍ଧ୍ରପ୍ରଦେଶ ପୁଲିସର ଦେଶବ୍ୟାପୀ ଚଢ଼ାଉରୁ ଜଣାପଡିଛି ଯେ ଅନ୍ତର୍ଜାତୀ ଅପରାଧୀମାନେ ମ୍ୟୁଲ/ ଭଡ଼ା ଆକାଉ[ ବ୍ୟବହାର କରି ବେଆଇନ ଡିଜିଟାଲ ପେମେଂଟ ଗେଟୱେ ତିଆରି କରିଛନ୍ତି । ମନି ଲଣ୍ଡ୍ରିଂରେ ଲିପ୍ତ ଏହି ବେଆଇନ ପ୍ରଣାଳୀକୁ ବ୍ୟବହାର କରି ସାଇବର ଅପରାଧୀମାନେ ହାସଲ କରିଥିବା ଅବୈଧ ସମ୍ପତିର ବେଆଇନ କାରବାର କରାଯାଇଥାଏ । ନିଜ ବ୍ୟାଙ୍କ ଆକାଉଂଟ/ କମ୍ପାନୀ ପଞ୍ଜୀକରଣ ପ୍ରମାଣପତ୍ର/ ‘ଉଦ୍ଧ୍ୟମ ଆଧାର’ ପଞ୍ଜୀକରଣ ପ୍ରମାଣପତ୍ର କାହାକୁ ବିକ୍ରି/ ଭଡ଼ାରେ ନଦେବାକୁ ସବୁ ନାଗରିକଙ୍କୁ ପରାମର୍ଶ ଦେଇଛି ଆଇଫର୍ସ । ଏଭଳି ବ୍ୟାଙ୍କ ଆକାଉଂଟରେ ଜମା ହୋଇଥିବା ବେଆଇନ ଅର୍ଥ ଗିରଫଦାରୀ ସମେତ ଅନ୍ୟ ଆଇନଗତ ପରିଣାମ ସୃଷ୍ଟି କରିପାରେ । ବେଆଇନ ପେମେଂଟ ଗେଟୱେ ପ୍ରତିଷ୍ଠା ପାଇଁ ବ୍ୟବହୃତ ହେଉଥିବା ବ୍ୟାଙ୍କ ଆକାଉଂଟ ଗୁଡିକର ଅପବ୍ୟବହାର ଠାବ କରିବା ଲାଗି ବ୍ୟାଙ୍କଗୁଡିକ ଆବଶ୍ୟକ ଯାଂଚ କରିପାରିବେ । ନାଗରିକମାନେ କୌଣସି ସାଇବର ଅପରାଧ ବିଷୟରେ ତୁରନ୍ତ ହେଲ୍ପଲାଇନ ନମ୍ବର ୧୯୩୦ କିମ୍ବା www.cybercrime.gov.inରେ ଜଣାଇବା ସହ ସୋସିଆଲ ମିଡିଆରେ ‘ସାଇବର ଦୋସ୍ତ’ ଚ୍ୟାନେଲ/ଆକାଉଂଟକୁ ଫଲୋ କରିବା ଉଚିତ୍ ଗୃହ ମନ୍ତ୍ରଣାଳୟ ଅଧୀନ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇଫର୍ସ) ଅନ୍ତର୍ଜାତୀୟ ସଂଗଠିତ ସାଇବର ଅପରାଧୀଙ୍କ ଦ୍ୱାରା ବେଆଇନ ଗତିବିଧି ପାଇଁ ବ୍ୟବହାର କରାଯାଉଥିବା ‘ମ୍ୟୁଲ୍’ ବ୍ୟାଙ୍କ ଏକାଉଂଟର ଉପଯୋଗ କରି ପ୍ରସ୍ତୁତ କରାଯାଇଥିବା ଏବଂ ବେଆଇନ ଅର୍ଥ କାରବାର ହେଉଥିବା ଅବୈଧ ପେମେଂଟ ଗେଟୱେ ବିରୋଧରେ ସତର୍କ ସୂଚନା ଜାରି କରିଛି । ନିକଟରେ ଗୁଜରାଟ ପୁଲିସ (ଏଫଆଇଆର ସଂଖ୍ୟା- ୦୧୧୩/୨୦୨୪) ଏବଂ ଆନ୍ଧ୍ର ପ୍ରଦେଶ ପୁଲିସ (ଏଫଆଇଆର ସଂଖ୍ୟା ୩୧୦/୨୦୨୪) ଦ୍ୱାରା କରାଯାଇଥିବା ଏକ ଦେଶବ୍ୟାପୀ ଚଢ଼ାଉରୁ ଜଣାପଡ଼ିଛି ଯେ ଆନ୍ତର୍ଜାତୀୟ ଅପରାଧୀମାନେ ‘ମ୍ୟୁଲ୍’ ବା ଅନ୍ୟ ଜଣଙ୍କ ବ୍ୟାଙ୍କ ଆକାଉଂଟ ପରିଚାଳନା କରି ବେଆଇନ ଡିଜିଟାଲ୍ ପେମେଂଟ ଗେଟୱେ ସୃଷ୍ଟି କରିଛନ୍ତି । ମନି ଲଣ୍ଡରିଂ ସହ ଜଡିତ ଏହି ବେଆଇନ ପ୍ରଣାଳୀ ସାଇବର ଅପରାଧରୁ ବେଆଇନ ଭାବେ ଅର୍ଜିତ ଅର୍ଥକୁ କଳାଧନ ରୂପେ କାରବାର କରିବା ଲାଗି ବ୍ୟବହୃତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ମାର୍ଗଦର୍ଶନରେ ଗୃହ ମନ୍ତ୍ରଣାଳୟ ସାଇବର ସୁରକ୍ଷିତ ଭାରତ ଗଠନ ପାଇଁ ସମସ୍ତ ପଦକ୍ଷେପ ନେଉଛି । ରାଜ୍ୟ ପୋଲିସ ଏଜେନ୍ସିମାନଙ୍କ ଠାରୁ ମିଳିଥିବା ସୂଚନା ଏବଂ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଦ୍ୱାରା କରାଯାଇଥିବା ବିଶ୍ଲେଷଣ ଅନୁଯାୟୀ, ନିମ୍ନଲିଖିତ ବିଷୟ ଗୁଡ଼ିକ ଚିହ୍ନଟ କରାଯାଇଥିଲା: କରେଂଟ ଆକାଉଂଟ ଏବଂ ସେଭିଂସ୍ ଆକାଉଂଟ ଗୁଡିକ ସୋସିଆଲ ମିଡିଆ, ବିଶେଷକରି ଟେଲିଗ୍ରାମ ଏବଂ ଫେସବୁକ୍ ମାଧ୍ୟମରେ ସନ୍ଧାନ କରାଯାଏ; ଏହି ଆକାଉଂଟ ଗୁଡିକ ଶେଲ୍ କମ୍ପାନୀ/ ଉଦ୍ୟୋଗ କିମ୍ବା ବ୍ୟକ୍ତି ବିଶେଷ ନାମରେ ଥାଏ । ବିଦେଶରୁ ଏସବୁ ‘ମ୍ୟୁଲ୍’ ଆକାଉଂଟ ପରିଚାଳିତ ହୋଇଥାଏ । ଏହାପରେ ଏସବୁ ‘ମ୍ୟୁଲ୍’ ଆକାଉଂଟ ବ୍ୟବହାର କରି ବେଆଇନ ପେମେଂଟ ବା ଅର୍ଥ ନେଣଦେଣ ଗେଟ୍ ୱେ ତିଆରି କରାଯାଏ, ଯାହା ନକଲି ନିବେଶ ଠକେଇ ସାଇଟ୍, ଅଫସୋର ବେଟିଂ ଏବଂ ଜୁଆ ସହ ଜଡ଼ିତ ୱେବସାଇଟ୍, ନକଲି ଷ୍ଟକ୍ ଟ୍ରେଡିଂ ପ୍ଲାଟଫର୍ମ ଇତ୍ୟାଦି ବେଆଇନ ପ୍ଲାଟଫର୍ମରେ ଟଙ୍କା ଜମା କରିବା ପାଇଁ ଅପରାଧୀ ସିଣ୍ଡିକେଟକୁ ଦିଆଯାଏ । ଅପରାଧରୁ ବେଆଇନ ଟଙ୍କା ମିଳିବା ମାତ୍ରେ ତୁରନ୍ତ ଅନ୍ୟ ଆକାଉଂଟକୁ ଟ୍ରାନ୍ସଫର କରାଯାଏ । ଏଥିପାଇଁ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ବଲ୍କ ପେଆଉଟ୍ ସୁବିଧାର ଅପବ୍ୟବହାର କରାଯାଏ ।

# ବିଜେଡ଼ି ଛାଡ଼ି ବିଜେପିରେ ସାମିଲ ହେଲେ ସଚିନ







ବ୍ରହ୍ମପୁର(ନିପ୍ର): ସ୍ଥାନୀୟ ଗାନ୍ଧୀ ନଗର ସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ମନୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜେପି ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ କାର୍ଯ୍ୟ ଶୈଳୀରେ ଅନୁପ୍ରାଣିତ ହୋଇ ବିଜେଡି ଛାଡି ବିଜେପିରେ ଯୋଗ ଦେଲେ ଯୁବ ନେତା ସଚିନ କୁମାର ପଣ୍ଡା । ମୋଦିଜୀଙ୍କ ଲୋକପ୍ରିୟତା ଓ ଦେଶର ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ଥିବା କହିଛନ୍ତି । ହିନ୍ଦୁ ରାଷ୍ଟ୍ର ଗଠନ କରିବା ସଂକଳ୍ପ ନେଇ ବିଜେପିର ଏକ ସକ୍ରିୟ ସଦସ୍ୟ ହେଇ ଏକ ଉତମ ବ୍ରହ୍ମପୁର ଗଠନ ଦିଗରେ ବିଧାୟକ କେ ଅନିଲ କୁମାରଙ୍କ ମାଗଦର୍ଶନରେ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି । ଗାନ୍ଧୀ ନଗର ବିଜେପି କାର୍ଯ୍ୟାଳୟରେ ସଚିନକୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉପଢୌକନ ଦେଇ ଦଳକୁ ସ୍ୱାଗତ କରାଯାଇଥିଲା । ଏହି ସମୟରେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାରଙ୍କ ସମେତ ମନୁ ପାଣିଗ୍ରାହୀ, ବିଜେପି ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ସରୋଜ ସାବତ, ସବିତା ସୁଆର, ବନମାଳୀ ସେଠି, ଅଶୋକ ଶୁକ୍ଲ, ପ୍ରତାପ ନାୟକ, ଟୁଟୁନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରୋଜେକ୍ଟ ସକ୍ଷ୍ୟମ୍ ମାଧ୍ୟମରେ ଉନ୍ନତ ଶିଳ୍ପ ତାଲିମ ଦେବା ସହିତ ସଶକ୍ତ କରିଛି

ଝାରସୁଗୁଡା(ନିପ୍ର): ଅକ୍ଟୋବର ୨୮, ୨୦୨୪: ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ, ଏହାର ଫ୍ଲାଗସିପ୍ ଦକ୍ଷତା ବିକାଶ ପଦକ୍ଷେପ ପ୍ରୋଜେକ୍ଟ ସକ୍ଷ୍ୟମ୍ ମାଧ୍ୟମରେ ଝାରସୁଗୁଡା ତଥା ପଡୋଶୀ ସହର ଏବଂ ଗ୍ରାମରୁ ଆଇଟିଆଇ ସ୍ନାତକମାନଙ୍କୁ ପ୍ରତିଷ୍ଠିତ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ଭୁବନେଶ୍ୱର ଶିଳ୍ପ ପ୍ରଶିକ୍ଷଣରେ ସଫଳତାପୂର୍ବକ ସହାୟତା କରିଛି । ଏକ ବର୍ଷ ଧରି ଚାଲିଥିବା ଆବାସିକ କାର୍ଯ୍ୟକ୍ରମ ପ୍ରୋଜେକ୍ଟ ସକ୍ଷ୍ୟମ୍ ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ମେକାଟ୍ରୋନିକ୍ସ, ଯାନ୍ତ୍ରିକ ଏବଂ ବୈଦ୍ୟୁତିକ ସେବା,



ଭୂଲମ୍ବ ପରିବହନ ଏବଂ ବୈଦ୍ୟୁତିକ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ ବ୍ୟବସାୟରେ ବିଶେଷଜ୍ଞମାନଙ୍କ ଠାରୁ ଉନ୍ନତ ଶିକ୍ଷା ଲାଭ କରିଛନ୍ତି । କାର୍ଯ୍ୟକ୍ରମ ସଫଳତାର ସହିତ ସମାପ୍ତ ହେବାସହିତ, ଟାଟା ମୋଟର୍ସ, ଜନସନ ଲିଫ୍ଟ ଏବଂ ଏସ୍କାଲେଟର ସମେତ ଅଗ୍ରଣୀ ସଂଗଠନଗୁଡିକ ସହିତ ନିଯୁକ୍ତି ପାଇବାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ବେଦାନ୍ତ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ପ୍ରୋଜେକ୍ଟ ସକ୍ଷ୍ୟମ୍ ପରବର୍ତୀ ପିଢିକୁ ସଶକ୍ତ କରିବା ପାଇଁ ଆମର ଅଦମ୍ୟ ପ୍ରତିବଦ୍ଧତାକୁ ଦର୍ଶାଉଛି । ଆମେ ଆମର ସ୍ନାତକମାନଙ୍କ ପାଇଁ ଅତ୍ୟଧିକ ଗର୍ବିତ, ଯାହାକି ସେମାନଙ୍କର ଉଲ୍ଲେଖନୀୟ ସଫଳତା ତଥା କଠିନ ପରିଶ୍ରମ ଏବଂ ସାମର୍ଥ୍ୟର ପ୍ରମାଣ ଅଟେ । ଯେଉଁଠାରେ ଆମେ କାର୍ଯ୍ୟ କରୁଛୁ ସେହି ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସ୍ଥିତିକୁ ବଢାଇବା ପାଇଁ ଆମେ ପ୍ରତିବଦ୍ଧ ଅଟୁ । ସେମାନଙ୍କୁ ବଜାର ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି କରିବା ଏବଂ ନିରନ୍ତର ଶିକ୍ଷାର ସଂସ୍କୃତି ପ୍ରତିପାଦନ କରି ଆମେ କେବଳ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରୁନାହୁଁ ବରଂ ଦେଶର ସୁଦୂର ଅଂଚଳକୁ ସାମାଜିକ-ଅର୍ଥନୈତିକ ମୁଖ୍ୟ ସ୍ରୋତରେ ମଧ୍ୟ ପହଂଚାଉଛୁ । ବେଦାନ୍ତ ଆଲୁମିନିୟମ ସେମାନଙ୍କ ପରିବର୍ତ୍ତନଶୀଳ ଯାତ୍ରାର ଏକ ଅଂଶ ହୋଇଥିବାରୁ ଏହା ଏକ ଗୌରବର ବିଷୟ ଅଟେ ।

# ନିଆଁ ଲାଗି ୩ ପରିବାରର ୧୨ ବଖରା ଘର ବସ୍ମିଭୂତ

ବ୍ରହ୍ମପୁର(ନିପ୍ର): ଖଲ୍ଲିକୋଟ ଥାନା କମଳାପଦର ଗ୍ରାମରେ ନିଆଁ ଲାଗି ୩ ପରିବାର ର ୧୨ ବଖରା ଘର ବସ୍ମିଭୂତ, ଶୋଇଥିବା ବେଳେ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ । ଖବର ଅନୁଯାୟୀ ଗତକାଲି ବିଳମ୍ବିତ ରାତ୍ର ସମୟରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କମଳାପଦର ଗ୍ରାମରେ ସଟସର୍କିଟ କାରଣରୁ ନିଆଁ ଲାଗିଥିଲା, ଯାହା ଫଳରେ ନିକଟରେ ଥିବା ୩ ପରିବାରର ୧୨ ବଖରା ଜଳି ଯାଇଥିବା ସୂଚନା ମିଳିଛି । ଲକ୍ଷାଧିକ ଟଙ୍କାର ସମ୍ପତି ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି ଏବଂ ନିଆଁ ଲାଗିଥିବା ବେଳେ ଘରେ ଥିବା ଏକ ଗ୍ୟାସ ଟାଙ୍କି ଫୁଟି ବିସ୍ଫୋରଣ ମଧ୍ୟ ହୋଇଛି କ୍ଷ ତେବେ ବିସ୍ଫୋରଣରେ କେହି ଆହତ ହୋଇନଥିବା ବେଳେ ଖବର ପାଇ ଗ୍ରାମବାସୀ ଏବଂ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ କରିଛନ୍ତି ।

GOVERNMENT OF ODISHA
OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALASORE
AT/P.O/DIST- BALASORE, PIN-756001
ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: P163533)
REQUEST FOR BIDS (RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS

A-487

No. 2357 Dated 27.10.2024

1ST CORRIGENDUM TO TENDER CALL NOTICE,
RFB No. OIIPCRA-BAL/W2-01/2024-25

The tender call notice vide Identification No.- RFB No. OIIPCRA-BAL/W2-01/2024-25 of Superintending Engineer, Minor Irrigation Division, Balasore has been modified as given in the table below due to unavoidable circumstances i.e due to erroneously typing mistakes of said Notice.

| Block and Work name has communicated vide Identification No. OIIPCRA-BAL/W2-01/2024-25 Dated 18.10.2024 | Modification the Block and Work name vide Identification No. OIIPCRA-BAL/W2-01/2024-25 Dated 18.10.2024 |
|---|---|
| Sl no 02- "Modernization to Balance Work of Panchalingeswar MIP (D/W) in Nilagiri Block of Balasore District under OIIPCRA Scheme for the year 2024-25" | Sl no 02- "Modernization to Balance Work of Panchalingeswar MIP (D/W) in Oupada Block of Balasore District under OIIPCRA Scheme for the year 2024-25" |

All other terms and conditions of the above tender call notice as per DTCN remains unchanged.

Sd/-
Superintending Engineer

OIPR. 32014/11/0007/2425

OFFICE OF THE
JALESWAR MUNICIPALITY, JALESWAR

C-854

NO 4900 Dt 25.10.2024

SHORT TENDER CALL NOTICE


Sealed Tender are invited by the Undersigned in percentage rate basis from the eligible Odisha State Govt.Licensed Contractors with Municipality enlisted Contractor in the Jaleswr Municipality for execution of the Works ( List may be seen at Office Notice Board) of Jaleswar Municipality in the District of Balasore.

The Tender paper will be sold from to 29.10.24 to 07.11.24 during the office hours(Except Govt. Holidays) on production of valid License & payment cost of Tender paper which is Non- refundable. The Tender will be received on till 11.11.24 up to 5.00 PM through Speed Post / Regd Post only . The Undersigned will not be responsible for any postal delay & the same will be opened on 12.11.24 at 11.00 AM in Municipality office in presence of the contractors or their authorized agents.

The tender Paper must be accompany with Money Receipt (Tender Paper Cost), EMD in form of cash Deposit /DD/bankers Cheque/ BG / FD pledged in favour of Executive Officer payable at Jaleswar , valid GST, PAN, Contractor Licence, Affidavit, Contractor Information Sheet, Pending Work list (if any). The tenders are required to furnish the said documents failing which the tender may liable for rejection . The Authority reserves the right to reject any or all tenders without assigning anyreason thereof.

Sd/-
Executive Officer
Jaleswar Municipality

OIPR. 13126/11/0008/2425





# ବୁଡିଗଲା ଗୋଡ଼ ତଳକୁ ତଳକୁ



◆ ଗଙ୍ଗାଧର ରାଉତ

ହାଲୁକା କଥା ଅନେକ ବ୍ୟଥା

ଓଡ଼ିଶା ରେ ନବୀନ ପଟ୍ଟନାୟକ ଙ୍କ ନେତୃତ୍ୱରେ ପରିଚାଳିତ ବିଜେଡି ସରକାର ର ଅପ୍ରତ୍ୟାଶିତ ପତନ ଘଟିଲା ୨୦୨୪ ସାଧାରଣ ନିର୍ବାଚନ ରେ । ପାଣି ଫୋଟକା ପରି ମିଳାଇଗଲା ୨୪ବର୍ଷ ଶାସନର ବହୁ ଜନ କଲ୍ୟାଣକାରୀ ଯୋଜନାର ସୁଫଳ । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଧୁନିକ ଭିତିଭୂମୀ ନିର୍ମାଣ ର ବୈପ୍ଲବିକ ପରିବର୍ତନ କିଛି କାମ ଦେଲା ନାହିଁ ।ଏହା କେମିତି ହେଲା କିପରି ହେଲା ତାହା ଆଜି ପର୍ଯ୍ୟନ୍ତ ସମସ୍ତ ଙ୍କ ମନକୁ ଆନ୍ଦୋଳିତ କରୁଛି । ବିଜେଡି ସରକାର ର ପତନ ପରେ ବିଜେପି ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ରେ କ୍ଷମତାକୁ ଆସିବ ତାହାମଧ୍ୟ ବିଜେପି ଦଳ ପାଇଁ ବିଲେଇ କପାଳକୁ ଶିକା ଛିଣ୍ଡିବା ଭଳି ହେଲା । ବିଜେପି ଜିତିବ ବୋଲି ଆଶା ବିଶ୍ୱାସ ରଖିଥିଲେ ନେତା ଓ କର୍ମୀ । କିନ୍ତୁ ଅପ୍ରତ୍ୟାଶିତ ଭାବେ ସୁନା ମୁକୁଟ ବିଜେପି ମୁଣ୍ଡାଇବ ଏକଥା ରାଜ୍ୟ ବିଜେପି ନେତା ଏପରିକି ଜାତୀୟ ସ୍ତରର ପ୍ରମୁଖ ନେତାଙ୍କ ଆତ୍ମବିଶ୍ୱାସ ବାହାରେ ଥିଲା । ବିଜେପି ଏବଂ ବିଜେଡ଼ି ମଧ୍ୟରେ ମେଂଟ ହେବା ନେଇ କିଛିଦିନ ଧରି ଯେଉଁ ରାଜନୈତିକ ଅସ୍ଥିରତା ଦେଖା ଦେଲା ତାହା ରାଜ୍ୟର ସାଧାରଣ ଭୋଟର ଙ୍କୁ ଏହି ଦୁଇ ଦଳର କ୍ଷମତା ପାଇଁ ମଧୁର ସମ୍ପର୍କ ରହିଛି ବୋଲି ପ୍ରମାଣ କରିଦେଲା । ଗୋଟିଏ ପଟରେ ବିଜେଡିର ୨୪ ବର୍ଷର ନିରଙ୍କୁଶ ଶାସନର ବୋଝ

ଅନ୍ୟ ପଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଲୋକପ୍ରିୟତା ବିଜେପି ଦଳ କୁ କ୍ଷମତାକୁ ଆସିବା ପାଇଁ ପଥ ପ୍ରସସ୍ତ କରିଦେଲା ।ପରିବର୍ତନ ର ହାୱା ବା ବାତାବରଣ ସୃଷ୍ଟି କରିବାରେ ବିଜେପି କଳବଳ କୌଶଳକୁ କାର୍ଯ୍ୟରେ ଲଗାଇଦେଲା । ରାଜ୍ୟର ପ୍ରତି କୋଣ ଅନୁକୋଣକୁ ରାଜ୍ୟପାଳ ଙ୍କ ଗସ୍ତ କାର୍ଯ୍ୟକ୍ରମ ସାଧାରଣ ଜନତାଙ୍କ ସହ ଭେଟଘାଟ ପ୍ରାକ ନିର୍ବାଚନୀ ନିଆଁରେ ଘିଅ ଢାଳିବା ପାଇଁ ପଥ ପରିଷ୍କାର କରିଦେଲା । ବିଜେପିର ପ୍ରମୁଖ ନେତା ମାନେ ସବୁଠି ଢ଼ଳା ଯାଇଥିବା ଘିଅରେ କେବଳ ଅଗ୍ନି ସଂଯୋଗ କରି ଚାଲିଲେ । ଫଳରେ ନୂଆ ସରକାର ଆସିବା ପାଇଁ ପ୍ରବଳ ବେଗରେ ଅନ୍ତଃସ୍ରୋତ ପ୍ରବାହିତ ହେଲା । ଯାହା ଉପରକୁ ଜଣାପଡ଼ିଲା ନାହିଁ । ଭିତରେ ଭିତରେ ଲୋକେ ମନସ୍ଥ କରିଦେଲେ ପଟ୍ଟ ପରିବର୍ତନ ପାଇଁ ।ସେ ଯାହା ହେଉ ନିର୍ବାଚନ ଆସିବ ଯିବ । ବିଭିନ୍ନ ଦଳ ୫ ବର୍ଷ ପାଇଁ କ୍ଷମତାକୁ ଆସିବେ ଯିବେ । ଏଥିରେ କିଛି ନୂତନତ୍ୱ ନାହିଁ । ବିଜେପି ରାଜ୍ୟରେ ୭ ଟି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲା । ଜଗନ୍ନାଥ ଙ୍କ ୪ ଦ୍ୱାର ଦେଇ ମନ୍ଦିର ପ୍ରବେଶ, ରତ୍ନଭଣ୍ଡାର ଖୋଲିବା,ଚାଷୀଙ୍କ ପାଇଁ ଧାନ କୁଇଂଟାଲ ପ୍ରତି ୩୧୦୦ ଟଙ୍କା, ସୁଭଦ୍ରା ଯୋଜନା ରେ ମହିଳାଙ୍କୁ ୫ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ ଓ ବୟସ୍କ ପାଇଁ ୩୦୦୦ ଟଙ୍କାର ଭତା ଓ ବିଜୁଳି ୩୦୦ ୟୁନିଟ ଛାଡ ନେଇ ସଂକଳ୍ପ ପତ୍ର ଜାରି କଲା । ଏହି ଘୋଷଣା ବିଜେପି କୁ କ୍ଷମତାକୁ ଆସିବାରେ ସହାୟକ ହେଲା ବୋଲି ଚା ଖଟିରେ ଏବେ ବି ଚର୍ଚ୍ଚା ଚାଲିଛି । ସେହିପରି ବିଜେଡି ବା ବିଜୁ ଜନତା ଦଳର ପତନ ମଧ୍ୟ ବିଭିନ୍ନ କାରଣରୁ ଘଟିଲା । ଦଳ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବା ଯେଉଁ ମାନଙ୍କୁ ଖୁଂଟ କୁହାଯାଏ ସେମାନଙ୍କୁ ଓପାଡ଼ି ତଳେ ନ ପକାଇ ଝୁଲାଇ ରଖାଗଲା । ସେମାନଙ୍କୁ ବିଭିନ୍ନ କାରଣ ଦର୍ଶାଇ ଅପାରଗ କରିଦିଆ ଯାଉଛି ବୋଲି କଥା ଏ କାନରୁ ସେ କାନକୁ ବ୍ୟାପିଗଲା । ସେହି କଥାକୁ ନେଇ କର୍ମୀ କର୍ମୀ ମଧ୍ୟରେ ତର୍କ ବିତର୍କ ହାତା ହାତି ମଧ୍ୟ ହେଲା । ପ୍ରମୁଖ ନେତାଙ୍କୁ ଦଳୀୟ ସଭା ସମିତି ରେ ଗୌଣ କରିଦିଆଗଲା ବୋଲି ସେମାନେ ଅନୁଭବ କଲେ ।ଯାହାର ପ୍ରତିଫଳନ ଆଜି ସାମ୍ନାକୁ ଆସିଛି । ଅନ୍ୟ ଦଳରୁ ଆସିଥିବା ଆମଦାନୀ ନେତା ଦଳ ଓ ଶାସନ କ୍ଷମତାକୁ ନିଜ ନିୟନ୍ତ୍ରଣ କୁ ନେଇଗଲେ ବୋଲି ଚର୍ଚ୍ଚା ଓ ଧାରଣା ସୃଷ୍ଟି ହେଲା । ଏହାର ପ୍ରଭାବ ରାଜଧାନୀ ର ରାଜରାସ୍ତା ରୁ ଜିଲ୍ଲା ଓ ବ୍ଲକ ସ୍ତରରେ ଲୋକେ ଅନୁଭବ କଲେ ।ଫଳରେ ନିଜ ଦଳର ନେତାଙ୍କ କ୍ଷମତା ଓ ପ୍ରତିଶ୍ରୁତି ସଙ୍କୁଚିତ ହୋଇଗଲା ।ଲୋକେ ନେତାଙ୍କୁ ଭରସା ନ କରି ସିଧାସଳଖ ଅଫିସରଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟ କଲେ ।ନେତା ଅଲୋଡ଼ା ହେବାରୁ ସଂଗଠନ ଧୀରେ ଧୀରେ ଦୁର୍ବଳ ବା ପକ୍ଷାଘାତ ଜନିତ ପଙ୍ଗୁ ଭଳି ହୋଇଗଲା । ରାଜ୍ୟର ଜନତାଙ୍କ ଆପାତି ଅଭିଯୋଗ ସଠିକ ଭାବେ ସମାଧାନ ହୋଇ ପାରିଲା ନାହିଁ । ଫଳରେ ଭିତରେ ଭିତରେ ସରକାର ବିରୋଧୀ ଅସନ୍ତୋଷ ଦାନା ବାନ୍ଧିଲା । ଏହା ବାଦ ନିର୍ବାଚନ ବେଳେ ଦଳୀୟ ଟିକେଟ ବଂଟନ ରେ ସେଭଳି ସ୍ୱଚ୍ଛତା ଅବଲମ୍ବନ ନେତା ଓ କର୍ମୀ ଅନୁଭବ କରିପାରିଲେ ନାହିଁ । ଦଳର ବରିଷ୍ଠ ନେତା ତାଙ୍କର ପାରଦର୍ଶୀତା ଦେଖାଇଲେ ମଧ୍ୟ ତାହାକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅଣଦେଖା କରିଦିଆଗଲା । ସର୍ବୋପରି ରାଜ୍ୟର ସମସ୍ତଙ୍କ ହୃଦୟକୁ ଜିଣିଥିବା ଲୋକପ୍ରିୟ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଯେଭଳି ରାଜ୍ୟ ବାସୀ ଙ୍କ ଆଗରେ ଉପସ୍ଥାପିତ ବା ଚିତ୍ରଣ କରାଗଲା ତାହାକୁ ସହଜରେ ଭୋଟର ଗ୍ରହଣ କରିପାରିଲେ ନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସ୍ୱାସ୍ଥ୍ୟ କୁ ନେଇ ଦ୍ୱନ୍ଦ ନିର୍ବାଚନୀ ରାୟ ଏକପାଖିଆ କରିଦେବା ଚର୍ଚ୍ଚା କୁ ଅଣଦେଖା କରାଯାଇ ପାରିବ ନାହିଁ । ନିର୍ବାଚନ ହାରିବା ପରେ ନବୀନବାବୁ ଯେ ସୁସ୍ଥ ଅଛନ୍ତି ତାହା ଲୋକ ଙ୍କୁ ଆଉ ବୁଝାଇବାକୁ ପଡ଼ିଲା ନାହିଁ । ତେଣୁ ସେ କାହିଁକି ନିର୍ବାଚନ ବେଳେ ଜିଲ୍ଲା ଗସ୍ତ କଲେ ନାହିଁ ବୋଲି ଲୋକେ ନିଜକୁ ନିଜେ ପ୍ରଶ୍ନ କରୁଛନ୍ତି । ଏହା ହୋଇଥିଲେ ବିଜେଡି ହାରି ନ ଥାନ୍ତା ବୋଲି ମିଶନ ଶକ୍ତିର ମା ମାନେ ଦୃଢୋକ୍ତି ପ୍ରକାଶ କରୁଥିବା ଆଲୋଚନା ହେଉଛି । ଆମର ଏଠାରେ କହିବାର ପ୍ରଶ୍ନ ହେଉଛି ଯେଉଁ ଦଳ ରାଜ୍ୟରେ ୨୪ବର୍ଷ ଧରି ନିରଙ୍କୁଶ କ୍ଷମତାରେ ରହିଲା ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟ କଲା ଏବେ ସେହି ଦଳରେ ପରାଜୟ ପରବର୍ତୀ ଝଡ଼ ସୃଷ୍ଟି ହେଉଛି କାହିଁକି ? ଏହା ମଧ୍ୟ ଥମିବାର ନାମ ଧରୁନି ।ସବୁଠି ଅଶାନ୍ତି । ଫଳରେ ଦଳୀୟ କାର୍ଯ୍ୟକ୍ରମ ଠିକ୍ ଭାବେ ହୋଇ ପାରୁନାହିଁ ।ପରସ୍ପର ମଧ୍ୟରେ ଆରୋପ ପ୍ରତ୍ୟାରୋପ ପ୍ରତିଦିନ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ଶିରୋନାମା ପାଲଟୁଛି । ବିଜୟୀ ଓ ପରାଜିତ ବିଧାୟକ ନେତା ଓ କର୍ମୀ ଙ୍କ ମଧ୍ୟରେ କଥା କଟାକଟି ଚାଲିଛି । କେହି କାହାକୁ ମାନିବା ଅବସ୍ଥାରେ ନାହାନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଲାଣି ।ଦଳ ଏକ ପ୍ରକାର ଅଘୋଷିତ ବିଭାଜନ ଆଡ଼କୁ ଦ୍ରୁତଗତିରେ ମୁହାଁଇଛି । ଭାତ ହାଣ୍ଡି ରୁ ଗୋଟିଏ ଭାତ ଚିପି ଯେଭଳି ହାଣ୍ଡିଏ ଭାତର ଅବସ୍ଥା ଜାଣିହୁଏ ଠିକ ସେହି ଅବସ୍ଥା ବିଜେଡି ଦଳରେ ହେବାକୁ ଯାଉଛି ବୋଲି ଆଲୋଚନା ହେଉଛି । ସଭାପତି ନବୀନ ପଟ୍ଟନାୟକ ଙ୍କ ପ୍ରତି ସମର୍ଥନ ଲୋକଙ୍କ ରହିଛି କିନ୍ତୁ କେଉଁଠି କାହିଁକି ଗେପ ବା ଦୂରତା ବଢ଼ୁଛି ତାର କୂଳ କିନରା ମିଳୁ ନାହିଁ । ଏହି କଳି ରାଜ୍ୟସ୍ତରରୁ ଯାଇ ଜିଲ୍ଲା ସ୍ତରରେ ପହଂଚିଲାଣି । ଦଳକୁ ଲାଞ୍ଜ ଚଳାଉଛି ନା ମୁଣ୍ଡ ଚଳାଉଛି ତାହା ସାଧାରଣ ଜନତାଙ୍କ ସହ ଶାସକ ଓ ବିରୋଧି ଲୋକେ ପାନ ଦୋକାନ, ହାଟ ବଜାର ଓ ଖଟି ରେ ଚର୍ଚ୍ଚା ଆଲୋଚନା କରୁଛନ୍ତି । କେଉଁ ପାଣି କେଉଁ ଆଡ଼କୁ ଯାଉଛି ତାହା ଦେଖିବାକୁ ବାକି ରହିଲା ବୋଲି ଭୋଟର ମାନେ କହୁଛନ୍ତି ।ଦଳର ପ୍ରମୁଖ ନେତା ଯୁବ ନେତାଙ୍କୁ ତାତ୍ସଲ୍ୟ ପୂର୍ଣ୍ଣ ମନ୍ତବ୍ୟ ଦଳର ଅନ୍ତଃ କନ୍ଦଳକୁ ପଦାରେ ପକାଇ ଦେଇଛି । ତେଣୁ ଏହି ଚର୍ଚ୍ଚା ଆଉ ଅଧିକ ଘନୀଭୂତ ହେଲେ ରାଜନୈତିକ ବାତ୍ୟାର ରୂପ ନେଇ କ୍ଷତି ଘଟାଇବ ଏଥିରେ ଦ୍ୱିମତ ହେବାର ନାହିଁ ।ତେଣୁ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ର ବାତାବରଣ ସୃଷ୍ଟି ହେଲାଣି ତାହାର ପରିଣତି ବା ଚର୍ଚ୍ଚା ଆଲୋଚନାର ପରିସମାପ୍ତି କେବେ ଘଟିବ ତାହାରି ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି । ସେ ଯାହାହେଉ, ରାଜ୍ୟର ସର୍ବାଙ୍ଗୀନ ବିକାଶ ନୂଆ ସରକାର ର ପ୍ରାଥମିକତା ହେବା ଜରୁରୀ । ଦୋଷ ଦୁର୍ବଳତା ସବୁଠି ରହିଛି ଓ ରହିବ ।ପୂର୍ବ ସରକାର କୁ ସମାଲୋଚନା କରିବା ରେ ସମୟ ନଷ୍ଟ ନ କରି ସୀମିତ ସମୟ ମଧ୍ୟରେ ସାଧାରଣ ଜନତାଙ୍କ ଅଧିକ ବିଶ୍ୱାସ ଭାଜନ ହେବାପାଇଁ ସଂକଳ୍ପ ନେଇ କାର୍ଯ୍ୟ କରିପାରିଲେ ପରିବର୍ତନ ର ସ୍ୱାଦ ଲୋକେ ଚାଖି ପାରିବେ । ବିରୋଧୀ ଦଳର ପରାଜୟ ର କାରଣ ନ ଖୋଜି ନିଜକୁ ବା ସରକାର କୁ ଦୂରେଇ ରଖିବା ହେଉଛି ବୁଦ୍ଧିମାନ ର କାର୍ଯ୍ୟ । କେନ୍ଦ୍ରୀୟ ସହାୟତାରେ ରାଜ୍ୟରେ କଣ କଣ ବିକାଶ ହେବ ସେଥିରେ ଅଧିକ କେନ୍ଦ୍ରୀଭୂତ ହୋଇ ମୋହନ ମାଝୀ ଙ୍କ ନେତୃତ୍ୱରେ ଗଠିତ ବିଜେପି ସରକାର କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ । ନିଜ ସରକାର ର ଆଭିମୁଖ୍ୟ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ କୁ ପ୍ରାଥମିକତା ଦେଲେ ଆମ ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ ରେ ପରିଣତ ହେବ ଏବଂ ଲୋକଙ୍କ ଆଶା ଆକାଂକ୍ଷା ପୂରଣ ହେବ ଏଥିରେ ଦ୍ୱିମତ ହେବାର ନାହିଁ ।

*ସାମ୍ବାଦିକ , ବାଲେଶ୍ୱର*

# ମା' ଦକ୍ଷିଣକାଳୀ ପୂଜା ମହୋତ୍ସବ ପ୍ରସ୍ତୁତି



ଭୁବନେଶ୍ୱର : ଭୁବନେଶ୍ୱର ଗଜପତି ନଗର ପ୍ରେସ ଛକ ସ୍ଥିତ ମା ଦକ୍ଷିଣକାଳୀଙ୍କ ପୀଠରେ ଏକତ୍ରିଂଶ ତମ କାଳୀପୂଜା ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଚଳିତ ବର୍ଷ ପାଂଚ ଦିନ ଧରି ପୂଜା ମହୋତ୍ସବ ଅନୁଷ୍ଠିତ ହେବ । ବୁଧବାର ଦିନ ରାତିରେ ଅଙ୍କୁରାରୋପଣ ହୋଇ ଗୁରୁବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହେବ । ଏହା ପରେ ଘଟସ୍ଥାପନ, ମଣ୍ଡଳ ପୂଜା, ଉପଚାର ପୂଜା, ଚଣ୍ଡୀପାଠ, ସନ୍ଧିପୂଜା, ୧୦୮ ଦୀପ ଉତ୍ସର୍ଗ, କୁଷ୍ମାଣ୍ଡ ବଳିଦାନ, ଆଳତି ଓ ପୁଷ୍ପାଳି ଅନୁଷ୍ଠିତ ହୋଇ ଯଜ୍ଞ ଆରମ୍ଭ କରାଯିବ । ସେହିପରି ଶୁକ୍ରବାର, ଶନିବାର, ରବିବାର ଦିନ ଯଥାବିଧି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ସୋମବାର ସଂଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତି କରାଯିବ ବୋଲି କମିଟି ତରଫରୁ ନିଷ୍ପତି କରାଯାଇଛି । ସୋମବାର ମଧ୍ୟାହ୍ନରେ ୩ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି । ଶୃଙ୍ଖଳିତ ଦର୍ଶନ ପାଇଁ ସୁବନ୍ଦୋବସ୍ତ କରାଯାଇଛି । ସୁରକ୍ଷା ପାଇଁ ପ୍ରଶାସନର ସହାୟତା ନିଆଯିବା ସହ ବାବୁ ଭାଇ ଟିମର ସଦସ୍ୟମାନେ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଆଜିର ଏହି ପ୍ରସ୍ତୁତି ବୈଠକରେ ଟ୍ରଷ୍ଟି ଜନକର ସାହୁ, ଯୋଗେନ୍ଦ୍ର ପାତ୍ର, ବିଜୁ ରଥ, କିଶୋର ସାହୁ, ହିମାଂଶୁ ଦାସ, କେଦାର ମହାନ୍ତି, ଜେ କେ ମିଶ୍ର, ମେଘାନାଦ ସେନାପତି, କାବୁ କର ଓ ସମାଜସେବୀ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଙ୍ଗା କୁଡ଼ିଆରେ ଜୀବନ ବିତାଉଥିବା ରାମ ଭୁଜନ ହରିଜନଙ୍କ ଦୁଃଖ ସରିବ କେବେ ?

ଭବାନୀପାଟଣା : (ନିପ୍ର) କଳାହାଣ୍ଡି ଜିଲ୍ଲା ସଦର ବ୍ଲକ ଗୁରୁଯୁଙ୍ଗ ପଂଚାୟତ ରେ ଦେଖି ବାକୁ ମିଳିଛି ଏକ ଦୁଃଖ ଭରା ଦୃଶ୍ୟ ଜୀବନ ଜଞ୍ଜାଳ ରେ ପରିସ୍ଥିତି କୁ ମୁକାବିଲା କରିବା ସମସ୍ତ ଙ୍କ ପକ୍ଷେ ସମାନ ନୁହଁ. ଏପରି ଏକ ଦୁଃଖ ଭରା କଷ୍ଟ ଭୋଗୁଛନ୍ତି ରାମ ଭୁଜନ ହରିଜନ ଙ୍କ ପରିବାର ପ୍ରାୟ ୮ଜଣ ଭଙ୍ଗା ଦଦରା କଳା ପଲିଥିନ ଜରି ଙ୍କୁ ଢାଙ୍କି ଜୀବନ ବିତୁଥିବା ଦୃଶ୍ୟ ଦେଖିବାକୁ ମିଳିଛି. ତାଙ୍କର ସଂଗ୍ରାମ ଜୀବନ ଜଞ୍ଜାଳ କଥାରୁ କୁହନ୍ତେ ଯେ, ଅନେକ ଦିନ ମାସ ବର୍ଷ ତଳେ ଘର ସମ୍ପୂର୍ଣ ଭାଙ୍ଗି ଯାଇଥିଲା, ସ୍ଥାନୀୟ ଜନ



ପ୍ରତିନିଧି, ନିକଟସ୍ଥ ରାଜସ୍ୱ ନିରୀକ୍ଷକ, ତହସିଲଦାର ଙ୍କୁ, ବି ଡି ଓ ଙ୍କୁ ମଧ୍ୟ ଦୁଃଖ ଜଣାଇଥିଲେ, ହେଲେ ରାଜସ୍ୱ ନିରୀକ୍ଷକ କେବଳ କଳା ପଲିଥିନ ଖଣ୍ଡେ ଭଙ୍ଗା ଘରକୁ ଗୋଡ଼ାଇ ଦେଇ ପରିବାର ରୁହନ୍ତୁ ବୋଲି ଆଶ୍ୱାସନା ଦେଇ ଥିଲେ, ହେଲେ ବର୍ଷା, ଓ ଖରା ଦିନରେ ରହିବା, ଚଳିବା କଷ୍ଟ ଦେଖିବା ଲୋକ ହିଁ ଜାଣୁଥିବେ, ପରିବାର ରେ ବୋହୁ ପୁଅ ପିଲା ଛୁଆ ଧରି ଜଞ୍ଜାଳ ଜୀବନ କୁ ବିତାଇବାକୁ ପଡୁଥିବା ଜଣାଯାଏ, ରାମ ଭୁଜନ ହରିଜନ ଙ୍କ ଭାଇ ଙ୍କ ଘରେ କେତେ କେତେ ବେଳେ ଆଶ୍ରୟ ନେ ଇ କଷ୍ଟେ ମଷ୍ଟେ ଚଳୁଛନ୍ତି, ସରକାରୀ ଯୋଜନା ରେ ଘର ଟିଏ ପାଇଁ ଅନେକ ବାର ପ୍ରଶାସନ, ପଂଚାୟତ କାର୍ଯ୍ୟାଳୟ ଙ୍କୁ ଜଣାଇ ନିରାଶ ହେବାକୁ ପଡିଛି, ଏହି ଭଙ୍ଗା ଦଦରା କଳା ଜରି ଘୋଡାଇ ଥିବା ଘରେ ଆଉ କେତେ ଦିନ ଏହି ପରିବାର ରହିବେ ସାଧାରଣ ରେ ଚର୍ଚ୍ଚା, ହଉଥିବା ସୂଚନା ମିଳିଛି ସରକାର ଏହି ବ୍ୟକ୍ତି ପରିବାର କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା କୁ ସାଧାରଣ ରେ ଓ ନିଜେ ରାମ ଭୁଜନ ହରିଜନ ଅନୁରୋଧ କରିଛନ୍ତି, ପ୍ରଶାସନ କେବେ ପରିବାର ଦୁଃଖ ବୁଝିବ ତାହା ବାକି ରହିଲା ।

# ଜିଲ୍ଲା ସ୍ତରୀୟ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲା ଚେସ ଆସୋସିଏସନ ଆନୁକୂଲ୍ୟରେ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଏକ ଚେସ ସଚେତନତା ଓ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରଞ୍ଜିତରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଉଦଘାଟନୀ ଉତ୍ସବରେ ଓଡିଶାର ସର୍ବକନିଷ୍ଠ ଆନ୍ତର୍ଜାତୀୟ ଚେସ ମାଷ୍ଟର ରାକେଶ ଜେନା, ଜାତୀୟ ପ୍ରଶିକ୍ଷକ ଏସ. ସତ୍ୟକାମ, ଆନ୍ତର୍ଜାତୀୟ ଆରବିଟର ତଥା ଜିଲ୍ଲା ଚେସ ଆସୋସିଏସନ୍‌ର ସମ୍ପାଦକ ଭବେଶ ମହାନ୍ତି, ଅଧାପିକା ଡ.





ପଦ୍ମଜା କବି ଶତପଥୀ, ଜିଲ୍ଲା ଚେସ ଆସୋସିଏସନର କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂ, ଉପସଭାପତି ଧରଣୀଧର ସେଠୀ ଓ ଲଳାଟକେଶରୀ ସାମଲ, କାର୍ଯ୍ୟକାରୀ କମିଟି ସଦସ୍ୟ ହିମାଂଶୁ ଶେଖର ନାୟକ, ପ୍ରତାପ ଚନ୍ଦ୍ର ମହାନ୍ତି, ନେହେରୁ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଶିବିରରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ପ୍ରଶିକ୍ଷଣ ଶିବିରରେ ଜାତୀୟ ପ୍ରଶିକ୍ଷକ ଏସ. ସତ୍ୟକାମଙ୍କ ସହିତ ସର୍ବପରିଚିତ ଅନ୍ତର୍ଜାତୀୟ ମାଷ୍ଟର ରାକେଶ କୁମାର ଜେନା ଯୋଗ ଦେଇ ଚେସ୍ ଖେଳାଳୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେହିପରି ଉଦଯାପନୀ ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ସାହୁ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ବହୁ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଆସନ୍ତା ନଭେମ୍ବରମାସ ୨ ଓ ୩ତାରିଖ ଦୁଇଦିନ ଧରି ତୁଳସୀ ମହିଳା ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ଚତୁର୍ଥ ଡା. ବୈଷ୍ଣବ ପରିଡା ମେମୋରିଆଲ ଚେସ ଟୁର୍ଣ୍ଣାମେ□ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

# ବାତ୍ୟାରେ କାର୍ଯ୍ୟରତ ସମୟରେ ସର୍ପାଘାତରେ ଡାକ୍ତର ଆହତ



କେନ୍ଦ୍ରାପଡ଼ା : "ଦାନା" ବାତ୍ୟା ସମୟରେ ଗତ ଗୁରୁବାର କାର୍ଯ୍ୟରତ ଥିବା ଭୁବନେଶ୍ୱରର ଜଣେ ଡାକ୍ତରଙ୍କୁ ସାପ କାମୁଡିଦେବାରୁ ଆହତ ହୋଇ ପ୍ରଥମେ ସେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଓ ପରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଘଟଣାରୁ ପ୍ରକାଶ ଯେ ଭୁବନେଶ୍ୱର ୪ନମ୍ବର ୟୁନିଟ୍ ଚିକିତ୍ସାଳୟର ମେଡିକାଲ ଅଫିସର ଡାକ୍ତର ବବୁଲ ମହାନ୍ତି ବାତ୍ୟା ଦାନା ପାଇଁ କାର୍ଯ୍ୟ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଡେପୁଟେସନରେ ମହାକାଳପଡା ବାବର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ । ସେଠାରେ ବାତ୍ୟା ସମୟରେ ଚିକିତ୍ସା ପାଇଁ ଗ୍ରାମରେ ପାଣି ଭିତରେ ପଶି ଯାଉଥିବା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡିବାରୁ ଡାକ୍ତର ମହାନ୍ତି ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ତାଙ୍କୁ ୧୦ଟି ଆଂଟିଭେନସ(ଏଏସଭି) ଦିଆଯିବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜିଲ୍ଲା ଚିକିତ୍ସାଳୟର କାର୍ଯ୍ୟରତ ଅଧିକାରୀ(ସୁପରିନ୍‌ଟେଣ୍ଡେ□) ତଥା ଓମସାର ରାଜ୍ୟ ସଭାପତି ଡା. କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି ।

# କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ 'ପରବ' ୨୦୨୪'ର ଶୁଭାରମ୍ଭ

ଜୟପୁର: ପ୍ରତିବର୍ଷ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଜିଲ୍ଲା ସଦର ମହକୁମା କୋରାପୁଟ ଠାରେ ଆୟୋଜିତ ଅଦିବାସୀ ଉତ୍ସବ ପରବ ନାମରେ ପରିଚିତ । ଏହା କୋରାପୁଟ ଜିଲ୍ଲାରେ ପାଳିତ ହେଉଥିଲେ ମଧ୍ୟ ରାଜ୍ୟ ସ୍ତରୀୟ ଉତ୍ସବର ମାନ୍ୟତା ପାଇଛି । ମାସ ବ୍ୟାପି ପାଳିତ ହେଉଥିବା ଏହି ଉତ୍ସବରେ ଖେଳ, ନାଚ, ଗୀତ, ନୌକା ଚାଳନା, ତୀର ଚାଳନା, କବି ସମ୍ମିଳନି ଆଦି ଅନୁଷ୍ଠିତ ହୋଇଥାଏ । ଜିଲ୍ଲାର ବିଭିନ୍ନ ବ୍ଲକ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ମାନେ ଏହି ଉତ୍ସବରେ ଭାଗ ନେଇଥାନ୍ତି । ଜିଲ୍ଲା ସ୍ତରରେ ମୁଖ୍ୟ ଉତ୍ସବ ୩ ଦିନ ପାଳିତ ହେଉଥିଲେ ମଧ୍ୟ ପଲ୍ଲୀଶ୍ରୀ ମେଳା ୫ ଦିନ ପର୍ଯ୍ୟନ୍ତ ଚାଲିଥାଏ । ଏହି ଉତ୍ସବକୁ ଉପଭୋଗ କରିବାପାଇଁ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି । ଚଳିତ ବର୍ଷ କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀର ମଉଳୀ ମାଁ ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହେଲା ରାଜ୍ୟସ୍ତରୀୟ ଲୋକ ମହୋତ୍ସବ 'ପରବ-୨୦୨୪ । ସେମିଳିଗୁଡା ବ୍ଲକର ଅଧିଷ୍ଠାତ୍ରୀ ଦେବୀ ମାଁ ମଉଳୀ ମନ୍ଦିରରେ ପୂଜାର୍ଚ୍ଚନା ସହ ଏହି ଲୋକ ମହୋତ୍ସବ ପାଇଁ ବିଗୁଲ ବାଜିଛି । ଉତ୍ସବରେ ସାମିଲ ହୋଇଥିଲେ ୧୪ ଟି ବ୍ଲକର ଲୋକପ୍ରତିନିଧି, ସରକାରୀ କର୍ମଚାରୀ ଏବଂ ହଜାର ହଜାର ସଂଖ୍ୟାରେ ସ୍ଥାନୀୟ କଳାକାର ଓ ଜନସାଧାରଣ । ପ୍ରାୟ ୧୦ ହଜାର ଲୋକ ସମାଗମ ସାଙ୍ଗକୁ ନାଚଗୀତରେ ଦୁଲୁକି ଥିଲା ସେମିଳିଗୁଡା ବ୍ଲକ । ମଉଳୀ ମାଁ ଙ୍କ ମନ୍ଦିରରୁ ଆରମ୍ଭ ହୋଇଛି କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ 'ପରବ' । ଆଦିବାସୀଙ୍କ ପାରମ୍ପାରିକ ନୃତ୍ୟ ଗୀତରେ ପ୍ରକମ୍ପିତ ହୋଇଥିଲା ସେମିଳିଗୁଡା । ଆଜି ସକାଳ ୮ ଟା ସମୟରେ କୋରାପୁଟ ନିଶାଣୀମୁଣ୍ଡା ଠାରେ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ସ୍ଥିତ ମାଁ ମଉଳୀ ମନ୍ଦିର ପ୍ରାଙ୍ଗଣରୁ ପୂଜାର୍ଚ୍ଚନା ସହ ମଶାଲ ପ୍ରଜ୍ୱଳନ କରି ବିରାଟ ଶୋଭାଯାତ୍ରାରେ ମଶାଲ ବାହାରି ଗ୍ରାଉଣ୍ଡରେ ପହଂଚିଥିଲା । ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଉଦଘାଟନ ଉତ୍ସବ ପରେ ବିଭିନ୍ନ ବ୍ଲକ ଓ ସହରାଂଚଳ ସ୍ତରରେ 'ପରବ' ପାଳନ କରାଯିବ । ଏହା ପରେ ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ କୋରାପୁଟରେ ଆୟୋଜନ କରାଯିବ । ଗାଁ ଗହଳିର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ 'ପରବ' ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଛନ୍ତି ସ୍ଥାନୀୟ ଲୋକ ଓ କଳାକାର । ଏହି ଲୋକ ମହୋତ୍ସବକୁ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଭରପୁର ଚେଷ୍ଟା କରାଯାଇଥିବା କହିଛନ୍ତି କୋରାପୁଟ ଜିଲ୍ଲାପାଳ । ଏଥିରେ ସାମିଲ ହୋଇ ଖୁସି ବ୍ୟକ୍ତ କରିଥିଲେ ସ୍ଥାନୀୟ କଳାକାର ଓ ଅଧିବାସୀ । ଏହି ଉତ୍ସବରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ସମେତ କୋଟପାଡ଼ ବିଧାୟକ ରୂପ ଭତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ,ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋରାପୁଟ ଡ଼ିଆଇଜି , କୋରାପୁଟ ଆରକ୍ଷୀ ଅଧିକ୍ଷକ,ଡି. ଏମ୍ କୋରାପୁଟ, ପଂଚାୟତ ସମିତି ସେମିଳିଗୁଡା ସଭାପତି,ଦୁଧାରୀ ପଂଚାୟତ ସରପଂଚ, ଏଡିଏମ୍, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲକା, ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜୟପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଶକ୍ତି ମହାପାତ୍ର, ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଯୋଗଦେଇ ୨୭ ତମ 'ପରବ' ମହୋତ୍ସବକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବ୍ଲକ ଓ ସହରାଂଚଳରେ ଆୟୋଜିତ ହେବାକୁ ଥିବା 'ପରବ'ରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ଚୟନ କରାଯିବ ଓ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ।

# ମାତୃ କର୍ମଶାଳା ଅନୁଷ୍ଠିତ

ଜୟପୁର: ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ଶିଶୁ ବାଟିକା ବିଭାଗରେ " ମାତୃ କର୍ମଶାଳା " ବଡ ଆଡ଼ମ୍ବରରେ ପାଳିତ ହୋଇସାରିଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନନୀୟ । ଶ୍ରୀମତୀ କବିତା ସାହୁ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯକ୍ରମଟିକୁ ଆଗେଇ ନେବା ସହ ମାନନୀୟ ଶ୍ରୀ ଶିଶିର ଚନ୍ଦ୍ର ଦାସ, ଶ୍ରୀମତୀ ସସ୍ମିତା ଦାସ ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ସେଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗେଇ ନେବାରେ ସହଯୋଗ କରିଥିଲେ । ମାତୃ କର୍ମଶାଳା ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଶ୍ରୀମତୀ କବିତା ସାହୁ ମାଆମାନଙ୍କୁ ବୌଦ୍ଧିକ ମାଧ୍ୟମରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ମୋଟ ୫୦ ଜଣ ଶିଶୁ ଏବଂ ୪୭ଜଣ ମାଆ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ତ୍ୱରାନ୍ୱିତ କରିଥିଲେ । ମାଆ ଏବଂ ଶିଶୁ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ ଯଥା ହର୍ଡଲ୍ସ, ସଂଖ୍ୟା ଅନୁସାରେ ପେଣ୍ଡୁ ଆଣିବା, ପାପୁଲିରେ ପାଣିଗ୍ଲାସ୍ ଧରି ଚାଲିବା, ଟ୍ରେନ ଖେଳ ଓ ଆକୃତି ଅନୁସାରେ ସ୍ଥାନକୁ ଯିବା ଆଦି ଖେଳ ଖେଳାଯାଇଥିଲା । ଖେଳିବା ଦ୍ୱାରା କିଭଳି ଶିଶୁଙ୍କ ଶାରୀରିକ ବିକାଶ ହୋଇପାରିବ ସେସମ୍ପର୍କରେ ଧାରଣା ଦିଆଯାଇଥିଲା । ଖେଳ ଖେଳିବା ପରେ ଏକ ମିନିଟ୍ କାର୍ଯ୍ୟକ୍ରମ ମାଆ ମାନଙ୍କର କରା ଯାଇଥିଲା ଏହି କାର୍ଯ୍ୟକ୍ରମରେ ମାଆ ମାନଙ୍କର ମାଳି ଗୁନ୍ଥିବା, ବେଲୁନ ଫୁଙ୍କିବା, ବଲ୍ ଆଣିବା, ବାଟି ଚାମଚ ରେ ଧରି ଚାଲିବା, କପ୍ ରେ ପିରାମିଡ୍ ସଜାଇବା ଭଳି ବିଭିନ୍ନ କାର୍ଯକ୍ରମ କରାଯାଇଥିଲା । ମାଆ ଏବଂ ଶିଶୁ ମାନଙ୍କୁ ନେଇ ରଙ୍ଗୀନ କାଗଜ କାଟି ଗୁଡ଼ି ପ୍ରସ୍ତୁତ କରିବା ହସ୍ତକର୍ମ ଟି କରାଯାଇଥିଲା । ହସ୍ତକର୍ମ ସହ ଅଦରକାରୀ ବସ୍ତୁରେ ତିଆରି ବିଭିନ୍ନ ଉପକରଣ ଗୁଡିକ ର ପ୍ରଦର୍ଶନୀ ଦେଖା ଯାଇଥିଲା ।ପରିଶେଷରେ ଶାନ୍ତିପାଠ କରାଇ କାର୍ଯ୍ୟକ୍ରମଟିକୁ ସମାପ୍ତ କରାଯାଇଥିଲା । ଶିଶୁ ବାଟିକା ବିଭାଗ ର ସମସ୍ତ ଗୁରୁମା , ବିଦ୍ୟାଳୟ ର ସମସ୍ତ ସେବକ ସେବିକା ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ମଣ୍ଡିତ ହୋଇଥିଲା ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘ ପକ୍ଷରୁ ୧୧ଦଫା ଦାବି ନେଇ ବିକ୍ଷୋଭ




ରାୟଗଡା(ନିପ୍ର): ରାୟଗଡା ୧୦୮ ଆମ୍ବୁଲାନସ କର୍ମଚାରୀଙ୍କ ସଂଘ ୧୧ଦଫା ଦାବି ନେଇ କାର୍ଯ୍ୟ କରୁଥିବା ଶତାଧିକ କର୍ମଚାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖା ଯାଇଥିବା ଦାବିପତ୍ରକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ୧୦୮ ଆମ୍ବୁଲାନସର କର୍ମଚାରୀ ମାନେ ଠିକା ସଂସ୍ଥା ସେମାନଙ୍କୁ ନ୍ୟାୟ ଦେଉନଥିବା ନେଇ ବିଭିନ୍ନ ସମୟରେ ପ୍ରଶାସନ, ସରକାରଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଦାବିପତ୍ରରେ କର୍ମଚାରୀ ମାନେ ନିବଦେନ କରି କହିଛନ୍ତି ଯେ କାର୍ଯ୍ୟରତ ଇ.ଏମ.ଟି, ପାଇଲଟ ଓ ଏଟେଣ୍ଡାଂଟ ୨୦୧୩ରୁ ଜିକିଝା ହେଲ୍ଥ କେୟାର ଲିମିଟେଡରେ କାର୍ଯ୍ୟ କରୁଥିଲେ ଏବଂ ବର୍ତମାନ ଇ.ଏମ.ଆର.ଆଇ ଗ୍ରୀନ ନାମକ ଠିକା ସଂସ୍ଥା ୨୧.୧୦.୨୪ରୁ ଦାୟିତ୍ୱ ଗ୍ରହଣ କରିଛି । ସରକାର କର୍ମଚାରୀଙ୍କ ଦାବି ନ ଶୁଣୁ ନ ଥିବାରୁ ଠିକା ସଂସ୍ଥା ସେମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ କରିଛନ୍ତି । ଏଣୁ ସେମାନଙ୍କ ନ୍ୟାର୍ଯ୍ୟ ଦାବିକୁ ନଶୁଣିଲେ ଆଗାମି ୩୦.୧୦.୨୪ ତାରିଖରୁ ଆମ୍ବୁଲାନସର ଜିପିଏସ ବନ୍ଦ କରି ରୋଗୀସେବା କରାଯିବ ଏବଂ ଦାବି ପୁରଣ ନହେଲେ ୦୧.୧୧.୨୪ ତାରିଖ ଠାରୁ ସଂପୂର୍ଣ ଭାବରେ ସମସ୍ତ କର୍ମଚାରୀ ମାନେ ରୋଗୀସେବା ବନ୍ଦ କରି ରାଜରାସ୍ତାରେ ଓହ୍ଲାଇବେ । ଯେଉଁ ଅସୁବିଧା ହେବ ସେଥିପାଇଁ ଠିକା ସଂସ୍ଥା, ସ୍ୱସ୍ଥ୍ୟ ବିଭାଗ ଓ ପ୍ରଶାସନ ଅଧିକାରୀ ଦାୟି ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ କିରଛନ୍ତି । କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀଙ୍କୁ ନୂତନ ଠିକା କମ୍ପାନୀରେ ନିଯୁକ୍ତି, କାର୍ଯ୍ୟ କରିବାର ସଠିକ ସମୟ ଓ ପାରିଶ୍ରମିକ ନିର୍ଧାରଣ ସହ ଓଭର ଡ୍ୟୁଟି ପାଇଁ ପାରିଶ୍ରମିକ, ୧୦୮କର୍ମଚାରୀଙ୍କୁ ଠିକା ସଂସ୍ଥାରୁ ମୁକ୍ତ କରାଯାଇ ନିୟମିତ କରିବା, ୧୨ ଘଂଟାର କାର୍ଯ୍ୟକୁ ୧୨ ଘଂଟାର ପ୍ରାପ୍ୟ, ଦରମା ବୃଦ୍ଧି, କର୍ମଚାରୀଙ୍କ ମୃତ୍ୟୁ ହେଲେ ୨୦ ଲକ୍ଷ ଅନୁକମ୍ପା ରାଶି ଓ ଅକର୍ମଣ୍ୟ ହେଲେ ୧୦ଲକ୍ଷ ଟଙ୍କାର ସହାୟତା ରାଶି, ବେନିୟମ ଛଟେଇ ବନ୍ଦ, କର୍ମଚାରୀ ଲୋକଙ୍କ ଦ୍ୱାରା ଆକ୍ରମଣ ଶିକାର ହେଲେ ସ୍ୱତନ୍ତ୍ର ଦଣ୍ଡ ବିଧାନ, କର୍ମଚାରୀଙ୍କ ପାଇଁ ଗାଡି ଧୋଇ ସାନିଟାଇଜ କରିବା, ବିଶ୍ରାମ ଓ ଖାଇବା ସୁବିଧା ସହ ରହିବା ଓ ଶୌଚାଳୟର ବ୍ୟବସ୍ଥା କରିବା, ୧୦୨ ଜନନୀ ଡ୍ରାଇଭର ଓ ୧୦୮ର କର୍ମଚାରୀଙ୍କୁ ସମାନ ସୁବିଧା ସୁଯୋଗ ଏବଂ ପ୍ରାୟ ୨୦୦ରୁ ଉର୍ଦ୍ଧ ୧୦୮ ଆମ୍ବୁଲାନସ ଅଚଳ ହୋଇ ପଡିଛି ଏଣୁ ପର୍ଯ୍ୟାପ୍ତ ୧୦୮ ଆମ୍ବୁଲାନସ ଯୋଗାଇ ଦେବା ପାଇଁ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ସଂଘର ଉପଦେଷ୍ଟା ତଥା ଅଧକ୍ଷ ସୋଭେନ୍ଦ୍ର ସାମଲ, ଉପାଧକ୍ଷ ପ୍ରଦୀପ ଦାଶ, ସଭାପତି ସୁବୋଧନାଥ ଶର୍ମା, ସମ୍ପାଦକ ଶ୍ରୀରାମ ଆଚାର୍ଯ୍ୟ ଓ ଅନ୍ୟ କର୍ମକର୍ତା ମାନେ ବିକ୍ଷୋଭ ସମୟରେ ଉପସ୍ଥିତ ଥିଲେ ।

# ଦୀପାବଳୀ ସତର୍କ ସୂଚନା ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର(ନିପ୍ର): ପ୍ରାତଃ ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଦୀପାବଳୀରେ ଆତସବାଜି, ଅଗ୍ନି ପାଇଁ ସତର୍କ ସୂଚନା ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ କହିଲେ ଦୀପାବଳୀ ଆନନ୍ଦ ଉଲ୍ଲାସ ଓ ସମସ୍ତ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିବା ଉତ୍ସବ । ଏହି ଉତ୍ସବ ସତର୍କ ଓ ଖୁସିର ସହ ପାଳନ କରନ୍ତୁ । ଏହି ସମୟରେ ଶିଶୁ ମାନଙ୍କୁ ନିଜ ଦୃଷ୍ଟିରେ ରଖନ୍ତୁ, ଆତସ ବାଜି ଦିଅନ୍ତୁ ନାହିଁ । ଘରେ, ଦ୍ୱାରଦେଶରେ ପାଣି ଭରା ରଖନ୍ତୁ । ଧୂପ ଦୀପ ଲଗାଇ ସନ୍ତୁଷ୍ଟ ରୁହନ୍ତୁ । ଦେଶରେ ଆକାଶ, ବାୟୁ ଦୂଷିତ ରହିଛି, ଆତସବାଜି ଲଗାଇ ଅଧିକ ଦୂଷିତ କରନ୍ତୁ ନାହିଁ । ଆତସବାଜି ଲଗାଇଲେ ମୋଟା ସୁତା ଲୁଗା, ଚଷମା, ଗ୍ଲୋବ, ଜୋତା ବ୍ୟବହାର କରନ୍ତୁ । ଏକାଧିକ ବାଣ ଏକା ସମୟରେ ଲଗାନ୍ତୁ ନାହିଁ । ପୋଡ଼ା ବାଣକୁ ପୁଣି ଲଗାନ୍ତୁ ନାହିଁ । ଆଘାତ ଲାଗିଲେ ଯଥାଶୀଘ୍ର ଚିକିତ୍ସକଙ୍କ ପରାମର୍ଶ କରନ୍ତୁ । ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରି ଥିଲେ । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି ।

# ଜୟନାରାୟଣଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତି ଉନ୍ମୋଚିତ ହେବ ଜାନୁୟାରୀ ୧୦ରେ



ବାଲିଆପାଳ(ନିପ୍ର): ଆସନ୍ତା ଜାନୁୟାରୀ ୧୦ ତାରିଖରେ ପୂର୍ବତନ ବିଧାୟକ ଜନ ନେତା ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପୂର୍ଣ୍ଣାବୟାବ ପ୍ରତିମୂର୍ତି ଉନ୍ମୋଚିତ ହେବ ବୋଲି ସୋମବାର ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ ପକ୍ଷରୁ ବାଲିଆପାଳ ଶୁଭମଗେଷ୍ଟ ହାଉସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ସତ୍ୟକାମ ମହାନ୍ତି ଓ ଦିବ୍ୟକାମ ମହାନ୍ତିଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପରିଷଦର ସଭାପତି ଅବସର ପ୍ରାପ୍ତ ଅଧକ୍ଷ ହୃଦୟରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀର ପୂର୍ବତନ ସରପଂଚ ମୁରଲୀ ମୋହନ ସାହୁ, ବ୍ରଜ କିଶୋର ଭୂୟାଁ, ପ୍ରଫୁଲ୍ଲ କୁମାର ସାହୁ, ଇଂ ସୁଶାନ୍ତ ଚକ୍ରବର୍ତୀ, ଡ. ସୁଶାନ୍ତ କୁମାର ଦାସ, ପୂର୍ବତନ ସରପଂଚ ମଧୁସୂଦନ ବାରିକ, ମଧୁସୂଦନ ସାହୁ, ଅମରେନ୍ଦ୍ର ପାତ୍ର, ସାମ୍ବାଦିକ ଅଜୟ କୁମାର ସାହୁ, ଡ଼ଃ ଅଧାପକ ସୁକାନ୍ତ କୁମାର ଗିରି, ସାମ୍ବାଦିକ ପ୍ରତାପ କୁମାର ପାତ୍ର, ପ୍ରଫୁଲ୍ଲ କୁମାର ପାତ୍ର, ବ୍ୟୋମକେଶ ସାହୁ, ଅଶୋକ ବାଗ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ । ଆସନ୍ତା ଜାନୁଆରୀ ୯ ତାରିଖ ଦିନ ସ୍ୱର୍ଗତ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ହେବ ଏବଂ ୧୦ ତାରିଖ ଦିନ ବ୍ଲକ୍ ଛକ ଇନ୍ଦିରା ପାର୍କରେ ସ୍ୱର୍ଗତ ମହାନ୍ତିଙ୍କର ପୂର୍ଣ୍ଣାବୟାବର ପ୍ରତିମୂର୍ତି ଉନ୍ମୋଚନ ଏବଂ ତାଙ୍କ ବାସଭବନରେ ସ୍ମୃତି ସଭା ଓ ସ୍ମରଣୀକା ପ୍ରକାଶ ପାଇବ ବୋଲି କମିଟିର ସଦସ୍ୟମାନେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ । ଏ ନେଇ ଆସନ୍ତା ନଭେମ୍ବର ୩ ତାରିଖରେ ପରିଷଦ ପକ୍ଷରୁ ପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ । ପରିଶେଷରେ ପୁତ୍ର ଦିବ୍ୟକାମ ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ



ଭବାନୀପାଟଣା(ନିପ୍ର): ଗତ ୨୦୧୫ ମସିହାର ଏକ ହତ୍ୟାକାଣ୍ଡ ର ରାୟ ପ୍ରକାଶ ପାଇଛି । ଧର୍ମଗଡ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଦୁଇଜଣ ହତ୍ୟା ଅଭିଯୁକ୍ତ ଙ୍କୁ ଆଜୀବନ କାରାଦଣ୍ଡାଦେଶ ରେ ଦଣ୍ଡିତ କରିଛନ୍ତି ଏବଂ ଜଣକା ୧୦ ହଜାର ଆର୍ଥିକ ଦଣ୍ଡାଦେଶ ଶୁଣାଇଛନ୍ତି । ଅର୍ଥ ଜମା ନକଲେ ଆହୁରି ୬ମାସ ଦଣାଦେଶ ଶୁଣାଇଛନ୍ତି । ଗତ ୨୦୧୫ ମସିହାରେ କଳାହାଣ୍ଡି ଜୟପାଟଣା ଥାନା ଆମଯୋର ଗ୍ରାମର ଖଗେଶ୍ୱର ରାଉତ ଓ ଗଦାଧର ରଣା ମିଶି ପୂର୍ବ ସତ୍ୟତାକୁ କେନ୍ଦ୍ର କରି ମନୁରଣାକୁ ରାସ୍ତାରେ ତ[ଚିପି ହତ୍ୟା କରିବା ପରେ ନିକଟସ୍ଥ ଶିଶୁଘାଟି ଡଙ୍ଗର ରେ ଫିଙ୍ଗି ଦେଇଥିଲେ । ପରେ ଜୟପାଟଣା ପୋଲିସ ଉଭୟ ଅଭିଯୁକ୍ତ କୁ ଗିରଫ କରିଥିବା । ସେମାନେ ଏବେ ଜାମିନ ରେ ଥିବା ବେଳେ ଆଜି କେସର ଶେଷ ଶୁଣାଣି କରି ଦଣାଦେଶ ଶୁଣାଇଛନ୍ତି ।

# ଓଏଏସ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଚିନ୍ମୟୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା



ନୟାଗଡ଼(ନିପ୍ର): ନିକଟରେ ପ୍ରକାଶିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଚିନ୍ମୟୀ ପାଣିଗ୍ରାହୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ନୟାଗଡ଼ ଏନଏସି ହାଇସ୍କୁଲର ୨୦୦୯ ବ୍ୟାଚର ଛାତ୍ରୀ ଚିନ୍ମୟୀ ୭୯ତମ ସ୍ଥାନରେ ରହି ସଫଳତାର ସହିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି । ସୂଚନା ଯୋଗ୍ୟ ଯେ ୨୦୦୯ ମସିହା ମାଟ୍ରିକ ପରୀକ୍ଷାରେ ସମଗ୍ର ଓଡ଼ିଶାରେ ୧୦ମ ସ୍ଥାନ ହାସଲ କରି ଚିନ୍ମୟୀ ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ । ପିତା ଚିତରଞ୍ଜନ ପାଣିଗ୍ରାହୀ ଏବଂ ମାତା ଝୁନୁ ଦେବୀ ଉଭୟେ ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ବେଳେ ଚିନ୍ମୟୀ ଏବେ କେନ୍ଦ୍ରୀୟ ବିଦ୍ୟାଳୟ-୨ ଭୁବନେଶ୍ୱରରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ଚିନ୍ମୟୀଙ୍କ ଏହି ଅପୂର୍ବ ସଫଳତାରେ ଏନଏସି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ, ବରିଷ୍ଠ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ, ଉଷାରାଣୀ ପ୍ରଧାନ, ଅନସୂୟା ମିଶ୍ର, ଭବାନୀ ଆଚାର୍ଯ୍ୟ, ସ୍ମିତା ମଲ୍ଲିକ, ମାନସ କୁମାର ସାହୁ ପ୍ରମୁଖ ପୁଷ୍ପଗୁଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ବେତନଟୀରେ ଉଡ଼ନ୍ତା ପୋଲ କେବେ ?

ବୈଶିଙ୍ଗା(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ବେତନଟୀକୁ ଉପଖଣ୍ଡ ଘୋଷଣା ଦୀର୍ଘ ଦିନର ଦାବୀ ସହ ପୂର୍ବତନ ନବୀନ ସରକାରଙ୍କ ସମୟରେ ବିଜ୍ଞାପିତ ଅଂଚଳର ଘୋଷଣା ନାମା ନାଲି ଫିତା ତଳେ ଅଟକିଛି। ଏହି ସମୟରେ କେନ୍ଦ୍ର ସରକାରଙ୍କ ରେଳ ବିଭାଗ ନିକଟରେ ବହୁ ପ୍ରତିକ୍ଷିତ ଉଡ଼ନ୍ତା ପୋଲ ବା ଓଭରବ୍ରିଜ୍ ଦାବୀ କ୍ରମଶଃ ଦୁର୍ବଳ ହୋଇ ଯାଇଛି । ସୌଭାଗ୍ୟ ବଶତଃ, ବେତନଟୀ ରେଲଷ୍ଟେସନ ବିଭାଗର ଅମୃତଭାରତ ଯୋଜନାରେ ସାମିଲ ହୋଇଛି । ପୁଣି ନିକଟରେ ଅଂଚଳବାସୀଙ୍କ ଦୀର୍ଘ ଦିନର ଦାବୀକ୍ରମେ ବୁଡାମରାରୁ ଚାକୁଲିଆକୁ ନୂତନ ରେଲପଥ ସଂଯୋଗର ସର୍ଭେ କାର୍ଯ୍ୟ ଆରମ୍ଭ ହେଇଛି । ଅନେକ ଦିନରୁ ରେଲୱେ ଫାଟକ ନଂ ୧୬ ଉପରେ ଉଡନ୍ତା ପୋଲଟିଏ ର ଆବଶ୍ୟକତା ବେଶ୍ ଅନୁଭୂତ ହେଉଛି, କିନ୍ତୁ ରେଳ ବିଭାଗର ସେଥିପ୍ରତି ନଜର ନାହିଁ । ସବାଇ ଘାସର ଦଉଡି ଓ ଶାଳପତ୍ର ଖଲି ଦୋନାର ବ୍ୟବସାୟ ନିମନ୍ତେ ପ୍ରସିଦ୍ଧ ବ୍ୟବସାୟିକ ପେଣ୍ଠସ୍ଥଳ ବେତନଟୀ ବଜାର ଭିତରକୁ ଏହି ଫାଟକ ଦେଇ ୧୬ ରୁ ୨୪ ଚକିଆ ଟ୍ରକ୍ ଓ ଦୈନିକ ହଜାର ହଜାର ସଂଖ୍ୟାରେ ଗାଡିମଟର ଯାତାୟତ କରୁଥିବା ଏହି ବ୍ୟସ୍ତବହୁଳ ରାସ୍ତାରେ ଏବେ ୩ ଟି ଦୂରଗାମୀ ରେଳଗାଡ଼ି ସହ ଦୈନିକ ୬ଥର ଲୋକାଲ ରେଲଗାଡି ଯାଆସ କରିଥାଏ । ଫଳରେ ଘଂଟା ଘଂଟାଧରି ଫାଟକ ବନ୍ଦ ରହି ଫାଟକର ଉଭୟ ପାର୍ଶ୍ୱରେ ଶହଶହ ଗାଡି ଅଟକିଯାଏ । ପଥଚାରୀ ଓ ସାଇକେଲିଆଙ୍କ ଅବସ୍ଥା ମଧ୍ୟ ତଦ୍ରୂପ । ବେତନଟୀ ବଜାରର ପୂର୍ବଦିଗରେ ୧୮ନମ୍ବର ଜାତୀୟ ରାଜପଥ ଓ ମଧ୍ୟଭାଗରେ ଏହି ରେଳ ବିଭାଗର ୧୬ନଂ ଫାଟକ ଅବସ୍ଥିତ । ଜାତୀୟ ରାଜପଥ ଠାରୁ ବଡସାହି, ଉଦଳା, କପ୍ତିପଦା । ଶରତ ହୋଇ ଠାକୁରମୁଣ୍ଡା ପର୍ଯ୍ୟନ୍ତ ରାଜ୍ୟ ରାଜପଥ ଲମ୍ବିଛି । ବେତନଟୀର ପୂର୍ବରେ ବାଲେଶ୍ୱର ଜିଲ୍ଲା ଓ ପଶ୍ଚିମରେ କେନ୍ଦୁଝର ଜିଲ୍ଲାକୁ ଏହି ରାଜ୍ୟ ରାଜପଥ ରାସ୍ତା ସଂଯୋଗ କରିଅଛି । ପୁଣି ଏହି ୧୬ନମ୍ବର ଫାଟକ ବେତନଟୀ ବଜାରକୁ ଦୁଇଭାଗରେ ବିଭକ୍ତ କରିଅଛି । ବଜାରର ଅନ୍ୟ ପଟେ ଦୈନିଦିନ କରବାର ନିମନ୍ତେ ବେଶି ଭାଗ ଦୋକାନ, କିଛି ବ୍ୟାଙ୍କ ଓ ସାପ୍ତାହିକ ହାଟ, ବିଚାର ବିଭାଗୀୟ ଅଦାଲତ, ଡାକଘର ଆଦି ରହିଅଛି । ସେଠାକୁ ଯିବାକୁ ହେଲେ,ଏହି ଫାଟକ ହିଁ ଏକମାତ୍ର ରାସ୍ତା । ସକାଳ ୯.୩୦ରୁ ଦିନ ୧୧ଘଂଟା ଓ ଅପରାହ୍ନ ୩ ରୁ ୫ଟା ପର୍ଯ୍ୟନ୍ତ ଏଠାରେ ନାହିଁ ନଥିବା ଭିଡ ପରିଲକ୍ଷିତ ହୋଇଥାଏ । ଚଣ୍ଡୀଛକଠାରୁ ଆନନ୍ଦବଜାରକୁ ଏହାହିଁ ଏକମାତ୍ର ସଂଯୋଗକାରୀ ରାସ୍ତା । ଆଗାମୀ ଦିନରେ ରୁପସାରୁ ଟାଟାନଗର ହୋଇ ସିଧା ନୂଆଦିଲୀ ଏବଂ ଅନ୍ୟାନ୍ୟ ସ୍ଥାନକୁ ଦୂରରାମୀ ରେଳଯାତାୟତ କରିବାର ଯୋଜନା ପ୍ରସ୍ତୁତ ହେଲାଣି । ଏଣୁ ଅବିଳମ୍ବ ଏଠାରେ ଏକ ଉଡନ୍ତା ପୋଲର ଆବଶ୍ୟକତା ରହିଛି ବୋଲି ଅନୁଭୂତ ହେଲାଣି । ବେତନଟୀର ଅନେକ ସେଛାସେବୀ ଅନୁଷ୍ଠାନ, ଜନସାଧାରଣଙ୍କ ସମେତ ସିଭିଲ ସୋସାଇଟି, ପ୍ରେସ କ୍ଲବ୍, ବ୍ଲକ୍ ସାମ୍ବାଦିକ ସଂଘ, ବିକାଶ ମଂ, ସିଟିଜେନ ଫୋରମ,କଙ୍କା କାଳିଆ ଯୁବକ ସଂଘ, ଜୟ ଜଗନ୍ନାଥ କ୍ଲବ୍ ଆଦି ଦାବୀ କରିବା ସହ ରେଳ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଟ୍ରାଫିକ ବ୍ୟବସ୍ଥାକୁ ସଜାଡ଼ିବା ନିମନ୍ତେ ସହରୀ ହାଟ ଥଇଥାନ ଯୋଜନା ପ୍ରଣୟନ କରାଯାଉ

ବ୍ରହ୍ମପୁର(ନିପ୍ର): ବ୍ରହ୍ମପୁର ଟ୍ରାଫିକ ବ୍ୟବସ୍ଥାର ଦୟନୀୟ ଚିତ୍ର ବର୍ଣ୍ଣନା କରିବାକୁ ଯାଇ ଆମେ କିଛି ଦିନ ତଳେ କହିଥିଲୁ ଯେ ସମ୍ପୂର୍ଣ ସହରଟା କିଭଳି ଷ୍ଟ୍ରିଟ ଭେଣ୍ଡର, ବୁଲା ବିକାଳି ଓ ଠେଲା ଗାଡ଼ି ବିକାଳିଙ୍କ କବଜାକୁ ଚାଲିଯାଇଛି । ଯାହା ଫଳରେ ସହରର ଯେଉଁ ଆଡେ ଆପଣ ଯିବେ କିଛି ନା କିଛି ଟ୍ରାଫିକରେ ଫସି ତିକ୍ତ ଅନୁଭୂତି ନେଇ ଫେରିବେ । ଏହି ଟ୍ରାଫିକ ଅବ୍ୟବସ୍ଥା ଯୋଗୁଁ କିଛିଦିନ ତଳେ ବିଜିପୁର ଜଗନ୍ନାଥ ମନ୍ଦିର ନିକଟରେ ରାସ୍ତା କଡ଼ରେ ବସିଥିବା ଏକ ମହିଳା ବ୍ୟବସାୟୀ ଉପରେ ଏକ ଦ୍ରୁତଗାମୀ କାର ଭାରସାମ୍ୟ ହରାଇ ମାଡି ଯିବା ଫଳରେ ସଂପୃକ୍ତ ଗରୀବ ମହିଳାଙ୍କ ଅକାଳ ବିୟୋଗ ଘଟିଥିଲା । ସବୁ ଆଡୁ ସମାଲୋଚନା ର ଶୀକାର ହେବା ପରେ ବିଏମସି କର୍ତୃପକ୍ଷ ତତ୍ପରତା ଦେଖାଇ ବିଜିପୁର ନିକଟରେ ରାସ୍ତା କଡ ବ୍ୟବସାୟୀଙ୍କୁ ଉଚ୍ଛେଦ କରିଥିଲେ । କିନ୍ତୁ ସମସ୍ୟା ସେଠାରେ ହିଁ ଅଟକି ନଥିଲା । ସହରର ଯେଉଁ ଆଡେ ଯାଆନ୍ତୁ ସେ କମାପଲ୍ଲୀ ହେଉ କିମ୍ବା ଗିରି ମାର୍କେଟ, ଗୋଷାଣୀ ନୂଆଗାଁ, ଗୋଇଲୁଣ୍ଡି, ଗେଟ ବଜାର, ପୁରୁଣା ବସଷ୍ଟାଣ୍ଡ ନୂଆ ବସ ଷ୍ଟାଣ୍ଡ , ସିଟି ହସ୍ପିଟାଲ୍, ଖଲିକୋଟ କଲେଜ, ଗେଟ ବଜାର, ପୁରୁଣା ବ୍ରହ୍ମପୁର ଓ ବଡ଼ ବଜାର ହେଉ ସବୁଠାରେ ରାସ୍ତା କଡ ବ୍ୟବସାୟୀ, ବୁଲା ବିକାଳି ଓ ଠେଲା ଗାଡ଼ିଙ୍କ ଉପସ୍ଥିତି ଏବଂ ଗ୍ରାହକଙ୍କ ଭିଡ ଯୋଗୁଁ ଜନସାଧାରଣ, ଛାତ୍ର ଛାତ୍ରୀ ଓ ଗାଡି ମୋଟର ଯିବା ଆସିବା କଷ୍ଟକର ହୋଇ ପଡୁଛି ଏବଂ ଛୋଟ ବଡ ଦୁର୍ଘଟଣା ଘଟୁଛି । ପରିସ୍ଥିତିର ଗମ୍ଭୀରତା ଓ ଜଟିଳତାକୁ ହୃଦୟଙ୍ଗମ କରି ତଥା ଏହି ସମସ୍ୟାକୁ ସମାଧାନ କରିବାକୁ ଯାଇ ବର୍ତମାନ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ରାସ୍ତାକଡ ବ୍ୟବସାୟୀ ଓ ଠେଲା ଗାଡି ବାଲାଙ୍କୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରି ଟ୍ରାଫିକ ବ୍ୟବସ୍ଥାକୁ ସୁଗମ କରିବାର ପ୍ରଚେଷ୍ଟା ଆରମ୍ଭ ହେଇ ଥିଲା ଭଳି ମନେ ହେଉଛି । କିନ୍ତୁ ଏହି ସମସ୍ୟାକୁ ଏଡ୍ରେଶ କରିବାକୁ ଗଲାବେଳେ ଜୀବନ ଜୀବିକା ଭଳି ଏକ ସ୍ୱର୍ଶକାତର ଓ ସମ୍ବେଦନଶୀଳ ଘଟଣା ସାମନାକୁ ଆସି ଯାଇଛି । ତାହାକୁ ମଧ୍ୟ ଜିଲ୍ଲା ପ୍ରଶାସନ ଓ ବିଏମସିକୁ ସମପରିମାଣରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏଥିନିମନ୍ତେ ସ୍ୱଳ୍ପକାଳିନ ଜରୁରୀ ପଦକ୍ଷେପ ସହ ଦୀର୍ଘକାଳୀନ ସବୁଦିନିଆ ବାସ୍ତବ ସମାଧାନର ଉପାୟ ଏକ ସୁଚିତିନ୍ତ ଅଭିନବ ଯୋଜନା ଦୃତ ସହରୀ ଆବଶ୍ୟକତା ଉପଯୋଗୀ ଯୋଜନା ଓ ପଲିସି ପ୍ରଣୟନ କରିବାକୁ ପଡ଼ିବ । ପ୍ରଥମତଃ ସମସ୍ତ ରାସ୍ତା କଡ ବ୍ୟାପାରି, ବୁଲା ବିକାଳି ଓ ଠେଲା ଗାଡି ବ୍ୟବସାୟୀଙ୍କୁ ଚିହ୍ନଟ କରି ସେମାନଙ୍କ ପଞ୍ଜିକରଣ କରି ପରିଚୟ ପତ୍ର ନିଗମ ଦ୍ୱାରା ପ୍ରଦାନ କରାଯାଉ । ଦ୍ୱିତୀୟରେ ସେମାନଙ୍କୁ ବ୍ୟବସାୟ କରିବା ନିମନ୍ତେ ଏକ ଉତମ ବାତାବରଣ ଯୋଗାଇ ଦିଆଯାଉ । ଆର୍ଥିକ ଅନ୍ତର୍ଭୁକ୍ତ କରଣ ମାଧ୍ୟମରେ ସେମାନଙ୍କୁ ବ୍ୟାଙ୍କର ପରିଧି ଓ ସମ୍ପର୍କ ମଧ୍ୟକୁ ଅଣାଯାଇ । ସେମାନଙ୍କୁ ବ୍ୟବସାୟର ସୁରକ୍ଷା ଓ ଅଭିବୃଦ୍ଧି ନିମନ୍ତେ ବ୍ୟାଙ୍କ୍ ଦ୍ୱାରା ସ୍ୱଳ୍ପ ଓ ଦୀର୍ଘ ମିଆଦି ଋଣ ପ୍ରଦାନ ବ୍ୟବସ୍ଥା ସୁନିଶ୍ଚିତ କରାଯାଉ । କେନ୍ଦ୍ର ସରକାରଙ୍କ ସ୍ୱଳ୍ପ ଆୟ କାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକ ବହୁ ଉପାଦେୟ ଓ ଲାଭପ୍ରଦ ଅଟଳ ପେନସନ ଯୋଜନା ଓ ପ୍ରଧାନମନ୍ତ୍ରୀ ଜୀବନ ବିମା ସୁରକ୍ଷା ଯୋଜନା ଭଳି ଅତ୍ୟନ୍ତ ସ୍ୱଳ୍ପ ଓ ନଗଣ୍ୟ ଦେୟ ପ୍ରଦାନ କରି ଯୋଜନାରେ ସାମିଲ ନେଇ ସଚେତନତା ସୃଷ୍ଟି କରାଯାଉ ସେମାନଙ୍କ ପରିବାରର ଭବିଷ୍ୟତକୁ ଦୃଷ୍ଟିରେ ରଖି । ସହରର ବିଭିନ୍ନ ପ୍ରମୁଖ ବାଣିଜ୍ୟକ କେନ୍ଦ୍ର ଓ ସ୍ଥଳ ନିକଟରେ ସହରୀ ହାଟ ସବୁ ନିର୍ମାଣ କରାଯାଉ । ଯେଉଁଥିରେ ଅନ୍ତତଃ ଅନୁନ୍ୟ ଶହେ ଜଣ ବ୍ୟବସାୟୀ ବସିବା ନିମନ୍ତେ ଉଭୟ ପଟେ ପିଣ୍ଡି ନିର୍ମାଣ କରାଯାଇ । ସେହି ହାତ ନିକଟରେ ସମସ୍ତ ଆନୁଷଙ୍ଗିକ ସୁବିଧା ଯଥା ଗୋଦାମ ଗୃହ, ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ ଏବଂ କମ୍ପ୍ୟୁଟର , ଏଲ ସି ଡ଼ି ଟିଭି ସହ ଇଂଟରନେଟ ବ୍ୟବହାର ନିମନ୍ତେ ଏକ ଅଫିସ ଗୃହ ଯାହାଦ୍ୱାରା ସଂପୃକ୍ତ ହାଟ ଓ ବ୍ୟବସାୟୀଙ୍କୁ ଇଂଟରନେଟ ମାଧ୍ୟମରେ ଇନାମ ବ୍ୟବସ୍ଥା ସହ ଯୋଡ଼ା ଯାଉ । ଇନାମ ବ୍ୟବସ୍ଥା ସହ ଯୋଡ଼ି ହେବା ଦ୍ୱାରା ଦେଶର ପ୍ରମୁଖ ସହର ମାନଙ୍କରେ ଉପଲବ୍ଧ ଜିନିଷ ଏହାର ଯୋଗାଣ, ଚାହିଦା ଓ ମୂଲ୍ୟ ବିଷୟରେ ଜାଣିପାରିବେ ଓ ଦେଶ ଦୁନିଆର ବଡ ବଡ ବ୍ୟବସାୟୀ ଓ ଯୋଗାଣ କାରୀଙ୍କ ସହ ସିଧା ସଳଖ ସମ୍ବନ୍ଧ ଯୋଡ଼ି ଲାଭବାନ ହୋଇପାରିବେ । ସେହିଭଳି ହାଟରେ ସେମାନେ ବର୍ଷା, ଖରାରୁ ରକ୍ଷା ପାଇବା ସହ ଏକ ସୁସ୍ଥ ନିର୍ମଳ ଉତମ ପରିବେଶରେ ସ୍ୱାଭିମାନ ଓ ଭୟ ମୁକ୍ତ ହୋଇ ବ୍ୟବସାୟ କରି ପାରିବେ । କେବଳ ବ୍ୟବସାୟ ନୁହନ୍ତି ଏଭଳି ଏକ ହାଇଜେନିକ ପରିବେଶରେ ଗ୍ରାହକ ମଧ୍ୟ ନିଜକୁ ବଜାର କରିବା ନିମନ୍ତେ ଆଶ୍ୱସ୍ତ ଅନୁଭବ କରିବ । ଏହି ହାଟର ପରିଚାଳନା ଓ ରାଜସ୍ୱ ସଂଗ୍ରହ ନିମନ୍ତେ ନିଗମ ଜଣେ କର୍ମଚାରୀଙ୍କୁ ନିଯୁକ୍ତ କରିପାରିବ । ଫଳରେ ଏଭଳି କିଛି କସ୍ମେଟିକ ପଦକ୍ଷେପ ଦ୍ୱାରା ଟ୍ରାଫିକ ସମସ୍ୟା ସହ ଜୀବନ ଜୀବିକା ପ୍ରସଙ୍ଗ ମଧ୍ୟ କିଛି ମାତ୍ରାରେ ସମାଧାନ ହୋଇ ପାରିବ ବୋଲି କମିଟି ଆଶା କରେ ବୋଲି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି । ବର୍ତମାନ ସାମୟିକ ଭାବରେ ବିଭିନ୍ନ ଜନ ଗହଳି ସ୍ଥାନରେ ଟ୍ରାଫିକ ପୋଲିସ ଓ ସ୍ୱେଚ୍ଛାସେବୀ ମୁତୟନ କରାଯାଇ ଏହି ପରିସ୍ଥିତିକୁ ସମ୍ଭାଳିବାର ପ୍ରଯତ୍ନ କରାଯାଉ ବୋଲି ସହର ତଳି ଅଂଚଳ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି । ସେହିଭଳି ବୁଲା ଗାଈ ଗୋରୁ ଓ ଗୃହପାଳିତ ପଶୁ ମାନଙ୍କୁ ଜନ ଗହଳି ପୂର୍ଣ୍ଣ ରାସ୍ତା ଅକ୍ତିଆର କରିବା ଦ୍ୱାରା ମଧ୍ୟ ଟ୍ରାଫିକ ସମସ୍ୟା ଜଟିଳ ହେଉଛି । ଏ ସମସ୍ତ ବିଷୟ ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁର ଉପ ଜିଲ୍ଲପାଳ, ଆରକ୍ଷୀ ଅଧିକ୍ଷକ, ବ୍ରହ୍ମପୁର ତଥା ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କୁ ଇମେଲ ମାଧ୍ୟମରେ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରାଯାଇଛି ।

## ଶ୍ରୀମତୀଙ୍କ ପାଇଁ



ପ୍ରାଚୀନ କାଳରେ ଛୋଟ ଛୋଟ ରୋଗ ପାଇଁ ଘରେ ଥିବା ଚେରମୂଳି କିମ୍ବା ଘରେ ଥିବା ଔଷଧରୁ ଉପଚାର ହୋଇ ଯାଉଥିଲା । ଆଜି ବି କେତେ ରୋଗ ଅଛି ଯାହାର ଚିକିତ୍ସା ଏଲୋପାଥି ଏବଂ ଟ୍ୟାବ୍‌ଲେଟ୍ ଦ୍ୱାରା ଠିକ୍ ହୋଇ ନଥାଏ ବରଂ ଘରେ ଥିବା ମସଲାରୁ ତାହାର ଚିକିତ୍ସା ହୋଇଥାଏ । ପ୍ରତ୍ୟେକ ଘରେ ବଡ଼ରୁ ଛୋଟ ପର୍ଯ୍ୟନ୍ତ ସମସ୍ତଙ୍କୁ ଛୋଟ ଛୋଟ ରୋଗ ଲାଗି ରହିଥାଏ । ଯଥା- କୋଷ୍ଠକାଠିନ୍ୟ, ମୁଣ୍ଡ ବିନ୍ଧା, ଥଣ୍ଡା ପ୍ରଭୃତି । ଏହିସବୁ ରୋଗ ପାଇଁ ଘରେ ଥିବା ବସ୍ତୁର ପ୍ରୟୋଗରେ ହୋଇ ପାରିଥାଏ । ଯଥା- ଅଦା, ଲୁଣ, ରସୁଣ, ଗୋଲମରିଚ, ତୁଳସୀ, ହେଙ୍ଗୁ, ଗୁଜୁରାତି, ଲବଙ୍ଗ ଇତ୍ୟାଦି ।

- ପାଚନ କ୍ରିୟାକୁ ସୁଧାରିବା ପାଇଁ ଅଦା, ଅଳେଇଚ ଏବଂ ଲବଙ୍ଗର ମିଶ୍ରଣର ପାଉଡର ପାଣିରେ ମିଶେଇ ଖାଇଲେ ପାଚନ ଠିକ୍ ହୋଇଥାଏ ।
- ଛୋଟ ପିଲାମାନଙ୍କ ଶ୍ୱାସ ସମ୍ବନ୍ଧିତ ନିମୋନିଆରେ ହେଙ୍ଗୁର ପ୍ରୟୋଗ କରାଯାଏ । ଛୋଟ ପିଲାମାନଙ୍କର ଅଣ୍ଡା ହାଡ଼ରେ ହେଙ୍ଗୁକୁ ପାଣିରେ ମିଶେଇ ମାଲିସ୍ କଲେ ପେଟ ବିନ୍ଧା ଭଲ ହୋଇଥାଏ ।
- ଅଦାକୁ ଚା' ରେ ଫୁଟେଇ ପିଇଲେ ଥଣ୍ଡା ଦୂର ହୋଇଥାଏ ।
- ରସୁଣକୁ ସୋରିଷ ତେଲରେ ଫୁଟାଇ ପାଦରେ ଘଷିଲେ ଥଣ୍ଡା ହୋଇଥିଲେ ସେଥିରୁ ଆରାମ ମିଳେ ।
- ଥଣ୍ଡା ହୋଇଥିଲେ ଗୋଲମରିଚକୁ ସିଝେଇ ସେହି ପାଣି ପିଇବା ଭଲ ।
- ଥକ୍କା ଲାଗୁଥିଲେ ଲୁଣକୁ ଗରମ ପାଣିରେ ମିଶାଇ ସ୍ନାନ କଲେ ଥକ୍କା ଦୂର ହୋଇଥାଏ ।
- ଦାନ୍ତ ବିନ୍ଧା ଦୂର କରିବା ପାଇଁ ଲବଙ୍ଗକୁ ଦାନ୍ତ ତଳେ ରଖିଲେ ବିନ୍ଧା ଦୂର ହୋଇଥାଏ ।



- ଲବଙ୍ଗକୁ ପେଶି ଗରମ କରି ମୁଣ୍ଡରେ ଲଗାଇଲେ ମୁଣ୍ଡବିନ୍ଧା ଦୂର ହୋଇଥାଏ ।
- ତୁଳସୀ ସବୁଠୁ ପବିତ୍ର ଏବଂ ଆମ ଦେଶରେ ପୂଜା କରାଯାଏ । ତୁଳସୀ ପତ୍ରରେ କୀଟନାଶକ ଗୁଣ ରଥାଏ । ଏହାର ପତ୍ର ରସ ସହିତ ମହୁ ମିଶାଇ ପିଇଲେ କାଶ ଭଲ ହୋଇଥାଏ ।
- ଚର୍ମ ରୋଗରେ ତୁଳସୀ ପତ୍ରକୁ ଲେମ୍ବୁ ରସ ସହିତ ମିଶାଇ ଲେପ ଦିଆଯାଇଥାଏ ।
- ବେଲପତ୍ରକୁ ଛେଚି ଖାଇଲେ ମଧୁମେହ ରୋଗ କମ୍ ହୋଇଥାଏ ।
- ନିମ ପତ୍ରର ରସ ପିଇଲେ ମଧୁମେହ ରୋଗ କମ୍ ହୋଇଥାଏ ।
- କଲରା ରସ ମଧୁମେହ ରୋଗ କମ୍ କରିବାର ଏକ ପରିଚିତ ଉପାୟ ।

# ବାସ୍ତୁ ଏବଂ ଆପଣଙ୍କ କ୍ୟାରିୟର୍

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସଫଳ କ୍ୟାରିୟର ଏବଂ ସୁନେଲୀ ଭବିଷ୍ୟତ ପ୍ରତ୍ୟେକଙ୍କ ଜୀବନର ସବୁଠାରୁ ବଡ଼ ସ୍ୱପ୍ନ । ଭଲ କ୍ୟାରିୟର୍ ବ୍ୟକ୍ତିକୁ ଆଜୀବନ ସାମାଜିକ ପ୍ରତିଷ୍ଠା ଏବଂ ଆର୍ଥିକ ସମୃଦ୍ଧି ପ୍ରଦାନ କରିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯଦି ଆପଣ ନିଜ କ୍ୟାରିୟର ଗଠନରେ ଚେଷ୍ଟିତ ଏବଂ ଆଗ୍ରହୀ ତେବେ ଆପଣଙ୍କୁ ସର୍ବଦା ସକାରାତ୍ମକ ଶକ୍ତି ମିଳିବା ଏକାନ୍ତ ଆବଶ୍ୟକ । ତେଣୁ ବାସ୍ତୁ ଶାସ୍ତ୍ର ଅନୁସାରେ ପ୍ରଦତ୍ତ କିଛି ନିର୍ଦ୍ଦିଷ୍ଟ ନିୟମର ପାଳନ କରନ୍ତୁ ଏବଂ ନିଜ ଘର ପରିବେଶକୁ ଶାନ୍ତ କରିବା ସହ କ୍ୟାରିୟରରେ ମଧ ସଫଳତା ପାଆନ୍ତୁ । ଏଥିପାଇଁ....

◆ ନିଜର ଆଖାପାଖର ବାତାବରଣକୁ ସଜୀବ ତଥା ସକରାତ୍ମକ ରଖନ୍ତୁ । ନିଜର ରହୁଥିବା ସ୍ଥାନ, ଷ୍ଟଡି ଟେବୁଲ, ଲିଭିଙ୍ଗ୍ ରୁମ୍ ଏବଂ ବେଡ଼ରୁମ୍ ଭିତରେ ଓ ଆଖପାଖର ବାତାବରଣକୁ ପରିଷ୍କାର ରଖନ୍ତୁ ।





◆ ବିଦେଶରେ ନିଜର ଭବିଷ୍ୟତ ଗଢ଼ିବାକୁ ଆଗ୍ରହୀ ଥିବା ଯୁବକମାନେ ନିଜ କାମ କରୁଥିବା ଟେବୁଲ୍ ଉପରେ ଗୋଟିଏ ଗ୍ଲୋବ୍ ରଖନ୍ତୁ କିମ୍ବା ଦକ୍ଷିଣ ଦିଗର କାନ୍ଥରେ ଗୋଟିଏ ବିଶ୍ୱ ମାନଚିତ୍ର ଲଗାନ୍ତୁ । ଏହା ଅତିରିକ୍ତ ସେଲିଙ୍ଗ ବୋଟ୍, ସମୁଦ୍ର ଜାହାଜ କିମ୍ବା ବାୟୁସେନାର ପୋଷ୍ଟର ଘରର ଉତର ଦିଗର କାନ୍ଥରେ ଲଗାନ୍ତୁ । କ୍ୟାରିୟରର ପ୍ରତୀକ ଉତର ଦିଗକୁ ସଦାସର୍ବଦା ପରିଷ୍କାର ଓ ସ୍ୱଚ୍ଛ ରଖନ୍ତୁ ।

◆ ନିଜ ଶୋଇବା ଘର ଟେବୁଲ୍ ପାଖରେ ସତେଜ୍ ଫୁଲ ବା ଫୁଲତୋଡା ରଖିବା ଦ୍ୱାରା ପାଠପଢ଼ା ପ୍ରତି ଆପଣଙ୍କ ରୁଚି ଜାଗ୍ରତ କରିବ କିନ୍ତୁ ଘରେ ଶୁଖିଲା ଏବଂ ମଉଳି ଯାଇଥିବା ଗଛ ରଖିବା ଅଶୁଭ ।

◆ ନିଜ ଘରର ଭିତରେ ଭଲ ଲାଗୁଥିବା ତଥା ବାସୁଥିବା ରୁମ୍ ଫ୍ରେସନ୍‌ର, ଧୂପକାଠି, ଅଗରବତୀ, ଏରୋମାଟିକ କ୍ୟାଣ୍ଡେଲ୍ ଇତ୍ୟାଦି ବ୍ୟବହାର କରିବା ବହୁତ ଜରୁରୀ । ଏଥିପାଇଁ ଆପଣ ଘରେ ରଜନୀଗନ୍ଧା କିମ୍ବା ଚମ୍ପାଫୁଲର ତୋଡ଼ା ରଖିପାରନ୍ତି

◆ ଘର ବାହାରେ, ବାଲ୍‌କୋନି ଏବଂ ଗ୍ୟାଲେରୀରେ କିଛି ଭଲ ଗଛ ଲଗାନ୍ତୁ, ଯେଉଁଥିରେ କ୍ୟାକ୍‌ଟସ୍, ବୋନ୍‌ସାଇ ଭଳି କଂଟାଯୁକ୍ତ ଗଛ ନଥିବ ।

◆ କୌଣସି ଜୀବିତ ବୃକ୍ଷକୁ ଶୋଇବା ଘରେ ରଖନ୍ତୁ ନାହିଁ, ଅନ୍ୟଥା ରାତିରେ ଶୋଇବା





ସମୟରେ କାର୍ବନ୍ ଡାଇଅକ୍ସାଇଡ଼ର ମାତ୍ରା ବଢ଼ିଯାଇ ସ୍ୱାସ୍ଥ୍ୟ ଖରାପ ହୋଇଯିବ ।

◆ ଘର ବାହାରର ପୂର୍ବୋତର ଦିଗରେ ପାଣିଭରା ଏକ ପାତ୍ର ରଖନ୍ତୁ । ଯେପରିକି କଳସୀ, ଘଡ଼ି ଇତ୍ୟାଦି ।

◆ ବ୍ୟବହାରକୁ ସକରାତ୍ମକ କରିବା ପାଇଁ କ୍ରିଷ୍ଟାଲ୍ ବା ରୋଜ୍ କ୍ୱାର୍ଜସ୍‌ର ପର୍ବତ ଗୃହର ପୂର୍ବୋତର ଐଶାନ୍ୟ କୋଣରେ ରଖନ୍ତୁ ।

◆ ଘରେ ସଜା ଯାଉଥିବା ଆର୍ଟିଫିସିଆଲ୍ କ୍ରିଷ୍ଟାଲ୍, ବେଲ୍‌ଜିୟମ୍ ଗ୍ଲାସ୍ ବା ପ୍ରିଜିମ୍ ଭଳି ପାରଦର୍ଶୀ ଶୋଜର ମଧ ବ୍ୟକ୍ତିର କ୍ୟାରିୟର୍ ନିର୍ମାଣ ଏକ ଅଂଶ ।

◆ ବହି ଥାକରେ ପୁରୁଣା ବହି, ଖବର କାଗଜ, କାମରେ ଆସୁନଥିବା ପେନ୍ ଏବଂ ଏଭଳି ଅନ୍ୟାନ୍ୟ ଷ୍ଟେସନାରୀକୁ ହଟାଇ ଦିଅନ୍ତୁ ।

◆ ପାଠପଢ଼ା ମଝିରୁ କିଛି ସମୟ ଅନ୍ତରାଳରେ ବାଲ୍‌କୋନି, ବାରଣ୍ଡା ଏବଂ କିଛି ସମୟ ବୁଲି ଖୋଲା ଆକାଶକୁ ଦେଖନ୍ତୁ ।

◆ ପ୍ରତିଭା ଏବଂ ଯୋଗ୍ୟତା ବୃଦ୍ଧି ପାଇଁ ଅଧ୍ୟୟନ, ପଠନ, ପାଠନ ଭଳି କାର୍ଯ୍ୟ ସର୍ବଦା ପୂର୍ବ ଅଥବା ଉତର ଦିଗକୁ ମୁହଁକରି କରନ୍ତୁ ।

◆ ସଫଳତାର ସମ୍ଭାବନା ଅନ୍ୱେଷଣ ପାଇଁ ଚିନ୍ତନ ଏବଂ ମନରେ କାର୍ଯ୍ୟର ସର୍ବୋତମ ସମୟ ପ୍ରାତଃକାଳ । ତେଣୁ ଏହି ସମୟରେ ଭବିଷ୍ୟତର ଯୋଜନା ପ୍ରସ୍ତୁତ କରନ୍ତୁ ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ୍, କଟକ : ୯୪୩୭୦୩୧୨୫୩*

# ବିଶ୍ୱପ୍ରସିଦ୍ଧ ଆଙ୍ଗକୋର ଭଟ୍ ମନ୍ଦିର



ବିହାରର ବୈଶାଳୀ ଜିଲ୍ଲାର ଗଙ୍ଗାନଦୀ କୂଳରେ ନିର୍ମାଣ ହେବାକୁ ଯାଉଛି ବିଶ୍ୱପ୍ରସିଦ୍ଧ କାମ୍ବୋଡ଼ିଆର ଆଙ୍ଗକୋର ଭଟ୍ ମନ୍ଦିର । କାମ୍ବୋଡ଼ିଆରେ ଥିବା ମନ୍ଦିରର ଅବିକଳ ନକଲ ହେବ ଭାରତର ଏହି ମନ୍ଦିର । ନିକଟରେ ମନ୍ଦିର ନିର୍ମାଣ ପାଇଁ ଶୁଭ ଦିଆଯାଇଛି ପାଟନାସ୍ଥିତ ହାଜିପୁରରୁ ୫କି.ମି. ଦୂର ହାଜିପୁର-ବିଜୁପୁର ରୋଡ଼ସ୍ଥିତ ଆଙ୍ଗକୋର ନଗରଠାରେ । ୧୫ ଏକର ଜମିରେ ନିର୍ମାଣ ହେବାକୁ ଯାଉଥିବା ରାମ ସୀତାଙ୍କର ଏହି ଭବ୍ୟ ମନ୍ଦିରର ମୂଳଦୁଆ ରହିବ ୧୦ ଏକର ପରିମିତ ସ୍ଥାନରେ । ଏହି ମନ୍ଦିର ନିର୍ମାଣ ଶେଷ ହେବାକୁ ଲାଗିବ ୧୦ବର୍ଷ ଏବଂ ଏଥିରେ ଖର୍ଚ୍ଚ ହେବ ୧୦୦କୋଟି ଟଙ୍କା । ପାଟନାର ମହାବୀର ଟ୍ରଷ୍ଟ ପକ୍ଷରୁ ଆଦାୟ ହୋଇଥିବା ଚାନ୍ଦାରେ ନିର୍ମାଣ ହେବ ଏହି ମନ୍ଦିର । ଏହି ମହାବୀର ଟ୍ରଷ୍ଟ ବିହାରରେ ବହୁ ମନ୍ଦିର ଏବଂ ହସ୍ପିଟାଲ୍ ତିଆରି କରିଛି । ଟ୍ରଷ୍ଟର ସଚିବ ଆଚାର୍ଯ୍ୟ କିଶୋର କୁନାଲ କହିଛନ୍ତି ଏହା ହେଉଛି ସେହି ପ୍ରାଚୀନ ପୁରାଣ ବର୍ଣ୍ଣିତ ସ୍ଥଳ ଯେଉଁଠି ବୈଶାଳୀ ରାଜ୍ୟର ରାଜା ସୁମତି ଭଗବାନ ରାମ, ଲକ୍ଷ୍ମଣ ଏବଂ ବିଶ୍ୱାମିତ୍ରଙ୍କୁ ସ୍ୱାଗତ କରିଥିଲେ । ଗଙ୍ଗାନଦୀ କୂଳରେ ସ୍ଥାପିତ ହେବାକୁ ଯାଉଥିବା ଏହି ମନ୍ଦିରର ଉଚ୍ଚତା ରହିବ ପୃଥିବୀର ସବୁ ମନ୍ଦିରଠାରୁ ଉଚ୍ଚ । ସେ ଆହୁରି ମଧ କୁହନ୍ତି ଆଙ୍ଗକୋର ଭଟ୍ ଶୈଳୀରେ ନିର୍ମାଣ ହେବାକୁ ଯାଉଥିବା ଏହି ମନ୍ଦିରର ଉଚ୍ଚତା ରହିବ ୨୨୨ ଫୁଟ୍ । ମନ୍ଦିରଟି ୫ ମହଲା ବିଶିଷ୍ଟ ହେବ ଏବଂ ଏହା ୫ଟି ଅଗ୍ରଭାଗ ରହିବ । ମୁଖ୍ୟ ମନ୍ଦିରରେ ରାମ ଏବଂ ସୀତାଙ୍କ ମୂର୍ତ୍ତି ରହିବ । ଏହା ବ୍ୟତୀତ ଅନ୍ୟ ହିନ୍ଦୁ ଦେବାଦେବୀ ଯେମିତି ରାଧା-କୃଷ୍ଣ, ବିଷ୍ଣୁ, ସୂର୍ଯ୍ୟ, ଗଣେଶ, ଶିବ, ପାର୍ବତୀ ଆଦି ମନ୍ଦିରରେ ରହିବେ । ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱପ୍ରସିଦ୍ଧ ଆଙ୍ଗକୋର ଭଟ୍ ମନ୍ଦିର କାମ୍ବୋଡ଼ିଆରେ ଅଛି । ଭଗବାନ ବିଷ୍ଣୁଙ୍କ ଏହି ମନ୍ଦିରକୁ ୧୨ଜଣ ଶତାବ୍ଦୀରେ କାମ୍ବୋଡ଼ିଆର ରାଜା ସୂର୍ଯ୍ୟ ବର୍ମନ ନିର୍ମାଣ କରିଥିଲେ ।

# ବଢ଼ୁଛି ହାଇପୋର୍ଥେମିଆ

ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର

*ପ୍ରବଳ ଥଣ୍ଡା ଯୋଗୁ ମାନସିକ ଚାପ ସୃଷ୍ଟି ହୋଇପାରେ । ଯାହାକୁ ହାଇପୋର୍ଥେମିଆ ବା ଅଳ୍ପତାପ କୁହନ୍ତି । ଏହାର ଅନ୍ୟନାମ କୋଲ୍ଡ ଟ୍ରେସ ସିଣ୍ଡ୍ରୋମ । ଏଥିରେ ଜଣେ ରୋଗୀଙ୍କର ମାନସିକ ଓ ହୃଦୟ ପ୍ରଭାବିତ ହୋଇଥାଏ । କେତେକ କ୍ଷେତ୍ରରେ ରୋଗୀ କିଛି ଜାଣିପାରେ ନାହିଁ ଓ ପାଗଳ ଭଳି ବ୍ୟବହାର କରେ । ଏକ ରିପୋର୍ଟ ଅନୁସାରେ ହାଇପୋର୍ଥେମିଆ ଯୋଗୁଁ ଆମେରିକାରେ ପ୍ରତିବର୍ଷ ଅତି କମରେ ୧୫୦୦ ମୃତ୍ୟୁ ହେଉଛି । ବୟସାଧିକ ଲୋକ ଓ ପୁରୁଷଙ୍କୁ ଏହି ରୋଗ ସାଧାରଣତଃ ଅଧିକ ହୁଏ । ସଠିକ ସମୟରେ ହାଇପୋର୍ଥେମିଆକୁ ଜାଣି ତାହାର ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀର ଜୀବନ ଯିବାର ଆଶଙ୍କା ମଧ ରହିଥାଏ । ହାଇପୋର୍ଥେମିଆ ଶବ୍ଦ ଗ୍ରୀସ ଭାଷାରୁ ଆସିଛି । ଯାହାର ଅର୍ଥ ଶରୀର ଅଭ୍ୟନ୍ତରର ଉତାପ ୩୫.୦ ଡିଗ୍ରୀ ସେଲସିୟସରୁ କମ ହେବା । ଏହାର ଲକ୍ଷଣ ତାପମାତ୍ରା ଉପରେ ନିର୍ଭର କରେ । ତିନି ପ୍ରକାରର ହୋଇପୋର୍ଥେମିଆ ରହିଥାଏ । ସାମାନ୍ୟ ହାଇପୋର୍ଥେମିଆ ହୋଇଥିଲେ କମ୍ପନ ଓ ଏନଜାଇଟି ଦେଖାଯାଏ । ମଧ୍ୟମ ହାଇପୋର୍ଥେମିଆ ହେଲେ କମ୍ପ ବନ୍ଦ ହୋଇଯାଏ ଓ ଏନଜାଇଟି ବୃଦ୍ଧି ପାଏ । ସାଙ୍ଘାତିକ ହାଇପୋର୍ଥେମିଆ ହେଲେ ପାରାଡ଼କ୍ସିକାଲ ଅନଡ୍ରେସିଙ୍ଗ ହୁଏ । ଅର୍ଥାତ ଜଣେ ନିଜ ମାନସିକ ସ୍ଥିତି ହରାଇ ବସେ । ଏହିଭଳି ପରିସ୍ଥିତିରେ ରୋଗୀ ନିଜ ଲୁଗା ଫିଙ୍ଗି ଦିଏ ଓ ଅତ୍ୟଧିକ ବ୍ୟଗ୍ର ହେତୁ ହୃଦସ୍ପନ୍ଦନ ଧୀର ହୋଇଯାଏ । ହାଇପୋର୍ଥେମକିଆ ରୋଗର ଦୁଇଟି ମୁଖ୍ୟ କାରଣ ଥାଏ । ସ୍ୱାଭାବିକ ଭାବରେ ଅତ୍ୟଧିକ ଥଣ୍ଡା ସଂସ୍ପର୍ଶରେ ଆସିଲେ ଏହି ରୋଗ ହୁଏ । କୌଣସି କାରଣ ବଶତଃ ଦେହର ଉତାପ ସୃଷ୍ଟି କମିଗଲେ ବା ଉତାପ କ୍ଷୟ ହେଲେ ମଧ ଏହା ହୁଏ । ଅନ୍ୟାନ୍ୟ କାରଣ ମଧ୍ୟରେ ସାଧାରଣତଃ ଅତ୍ୟଧିକ ମଦନିଶା, ବୟସାଧିକ୍ୟ, ଅରୁଚି ଓ କମ ରକ୍ତଶର୍କରା ଥିଲେ ମଧ ହାଇପୋର୍ଥେମିଆ ହୋଇଥାଏ । ଦେହ ଉତାପ ଥର୍ମୋରେଗୁଲେସନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ମାନରେ ସ୍ଥିର ରହେ । ଦେହ ଉତାପ ବଢ଼ାଇବା ନିମନ୍ତେ କମ୍ପ, ଅଧିକ ସ୍ୱେଚ୍ଛାକୃତ କର୍ମ କରିବା ଓ ଉଷୁମ ଲୁଗା ଘୋଡ଼ାଇ ହେବା ଆବଶ୍ୟକତା ହୋଇଥାଏ । ରୋଗୀର ଲକ୍ଷଣ ଓ ଅବସ୍ଥା ଦେଖି ବା ଦେହର ଆଭ୍ୟନ୍ତରୀଣ ଉତାପ ମାପି ହାଇପୋର୍ଥେମିଆ ରୋଗ ନିର୍ଣ୍ଣୟ କରାଯାଏ ।*



ଲକ୍ଷଣ : ମାନସିକ ଚାପ ଓ ଅସ୍ଥିରତା କାରଣରୁ ରୋଗୀ ଅଧିକରୁ ଅଧିକ ସମୟ ଅନ୍ଧକାରରେ କାଟିବାକୁ ପସନ୍ଦ କରେ । ପରିବାର ଓ ସାଙ୍ଗସାଥୀଙ୍କ ସହ କଥାବାର୍ତା ବନ୍ଦ କରିଦିଏ । ଏକ ପ୍ରକାରର ଅବସାଦକୁ ରୋଗୀ ଚାଲିଯାଏ । ଯଦି କେହି ରୋଗୀଙ୍କ ସହ କଥା ହେବାକୁ ଚେଷ୍ଟା କରିଥାନ୍ତି, ରୋଗୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତି । ବେଳେ ଅତ୍ୟଧିକ ରାଗି ରୋଗୀ ଜିନିଷପତ୍ର ଫୋପାଡା ଫିଙ୍ଗା କରିଥାନ୍ତି । ହାଇପୋର୍ଥେମିଆ ହୋଇଥିଲେ ରୋଗୀ ଅଧିକ ଖାଦ୍ୟ ଖାଇଥାନ୍ତି । ଅନ୍ୟପକ୍ଷରେ କେତେକ ରୋଗୀ ଖାଦ୍ୟ ଖାଇବା ଛାଡ଼ି ଦେଇଥାନ୍ତି । ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଅଚାନକ ଅବନତି ଘଟିଥାଏ । କୌଣସି ସ୍ଥାନରେ ବସିବା ସମୟରେ ରୋଗୀ ଆଖି ବନ୍ଦ କରି ବସିବାକୁ ପସନ୍ଦ କରିଥାନ୍ତି । ଏହିପରି ନକରିବାକୁ ବାରଣ କଲେ, ରୋଗୀ ବିରକ୍ତି ପ୍ରକାଶ କରେ । କେତେକ କ୍ଷେତ୍ରରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ପାଇଯାଏ ଓ ରକ୍ତଚାପ ଦେଖାଯାଏ ।

ଉପଚାର : ଉଷୁମ ପାନୀୟ, ଗରମ କପଡ଼ା ଓ ଶାରୀରିକ କାର୍ଯ୍ୟ କରିବା ଏହି ରୋଗର ଉତମ ଉପଚାର । ମଧ୍ୟମ ହାଇପୋର୍ଥେମିଆ ଥିଲେ ରୋଗୀକୁ ଉଷୁମ କମ୍ବଳ ଘୋଡେଇ ଗରମ ତେଲ ମାଲିସ କରାଯାଏ । ମଧ୍ୟମ ଓ ସାଙ୍ଘାତିକ ହୋଇଥିଲେ ଏକ୍ସଟ୍ରାକର୍ପୋରିଆଲ ମେମ୍ବ୍ରେନ ଅକ୍ସିଜେନେସନ କିମ୍ବା କାର୍ଡ଼ିଓପଲମୋନାରୀ ବାଇପାସ ଚିକିତ୍ସା ଉପକାରୀ ହୁଏ । ରୋଗୀ ହୃଦସ୍ପନ୍ଦନ ଧୀର ହୋଇଗଲେ ଉପରୋକ୍ତ ଉପଚାର ସହିତ କାର୍ଡ଼ିଓପଲମୋନାରୀ ରସସିଟେସନ କରାଯାଏ । ଏହି ବ୍ୟବସ୍ଥାକୁ ୩୨୦ ଡିଗ୍ରୀ ସେଲସିୟସ ଉତାପ ବଢ଼ିବା ପର୍ଯ୍ୟନ୍ତ ଚାଲୁରହେ । ଯଦି ଏହି ଉପଚାର ଦ୍ୱାରା କିଛି ଉନ୍ନତି ନ ହୁଏ ବା ରକ୍ତ ପଟାସିଅମ ୧୨ ମି.ମୋଲ/ଲିଟରରୁ ଅଧିକ ରହେ ତେବେ ରିସସିଟେସନ ବନ୍ଦ କରି ଦିଆଯାଏ । ଏ କ୍ଷେତ୍ରରେ ଡାକ୍ତରୀ ପରାମର୍ଶରେ ଚିକିତ୍ସା କରିବା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ।

*ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର : ୮୨୮୦୧୨୭୯୧୦*

# ଆଶ୍ଚର୍ଯ୍ୟ ହେଲେ ବି ସତ୍ୟ





*ପ୍ରଜାପତିଙ୍କ ରଙ୍ଗରୂପରେ ବହୁ ତାରତମ୍ୟ ଦେଖାଯାଇଥାଏ । କେଉଁଠାରେ ଅଧିକା ପ୍ରଜାପତି ଦେଖାଯାଆନ୍ତି ତ କେଉଁଠାରେ ଆଦୌ ଦେଖାଯାଆନ୍ତି ନାହିଁ । ଅତ୍ୟଧିକ ଥଣ୍ଡା ସ୍ଥାନଗୁଡ଼ିକରେ ପ୍ରଜାପତି ଦେଖାଯାଆନ୍ତି ନାହିଁ । ସାଧାରଣ ପ୍ରଜାତିର ପ୍ରଜାପତିମାନେ ଦିନରେ ଉଡ଼ିଥାନ୍ତି । ଆଉ ଏଭଳି ପ୍ରଜାପତି ଦିନ ରାତି ସବୁ ସମୟରେ ଦେଖାଯାଇଥାନ୍ତି । ପ୍ରଜାପତିଙ୍କ ଶରୀରରୁ ଏବଂ ଡେଣାରୁ ସୁଗନ୍ଧ ବାହାରୁଛି ବୋଲି ନିକଟରେ ହୋଇଥିବା ସର୍ଭେରୁ ଜଣା ପଡ଼ିଛି । 'ଡେଲିୟାସ ଇଣ୍ଡିକା' ନାମକ ପ୍ରଜାପତି କସ୍ତୁରୀ ଭଳି ସୁଗନ୍ଧ ଦେଇଥାଏ । ଆମ ଦେଶରେ 'ପିୟରିସ୍ କୈନିଡ଼ିୟା' ନାମକ ପ୍ରଜାପତି ଦେଖା ଯାଆନ୍ତି । ସେମାନଙ୍କ ଡେଣାରୁ ମଧ ସୁଗନ୍ଧ ବାହାରିଥାଏ ।*

*ପ୍ରଜାପତିଟିଏ ପୁଣି ଚନ୍ଦନ ଏବଂ କସ୍ତୁରୀ ଭଳି ବାସୁଛି । ଆଶ୍ଚର୍ଯ୍ୟ ଲାଗୁଛି ନା । ୱେଷ୍ଟଇଣ୍ଡିଜ ଏବଂ ବ୍ରାଜିଲରେ ନୀଳରଙ୍ଗର ପ୍ରଜାପତିଗୁଡ଼ି [redacted] ୟ । ବାସ୍ତବରେ ଚନ୍ଦନ ଭଳି [redacted] ବହୁତ ଛୋଟ । ସେମାନଙ୍କୁ [redacted] ରେ ଶହ ଶହ ପ୍ରଜାତିର [redacted] ଭିନ୍ନ ଦେଶର*

# ସବୁଠୁ ବଡ଼ କୋକିଶିଆଳ



କୋକିଶିଆଳି ଦେଖିଥିବେ । କିନ୍ତୁ ସ [redacted]
ନଥିବେ । ଏବେ ବ୍ରିଟେନ୍‌ରେ ସବୁ [redacted]
ହୋଇଛି । ଏହି କୋକିଶିଆଳିର ଲ [redacted]
ହେବେ । କୋକିଶିଆଳିର ଲମ୍ବ ହେଉ [redacted]
କୋକିଶିଆଳିଠାରୁ ଏହା ତିନିଗୁଣ [redacted]
କୋକିଶିଆଳିକୁ ଏବେ ବ୍ରିଟେନ୍‌ର ଆ [redacted]
ବ୍ୟକ୍ତି ମାରି ଦେଇଛନ୍ତି । ଆଲାନ୍ [redacted]
କୋକିଶିଆଳି ବୁଲୁଥିବା ଦେଖି ଡରି [redacted]
ଦେଇଥିଲେ । ଏବେ ଗ୍ରାମା□ଳରେ [redacted]
ମିଳୁନି, ବ୍ରିଟେନ୍‌ରେ ଏଏତେ ବଡ଼ [redacted]
ଆଶ୍ଚର୍ଯ୍ୟ ଲାଗିଥିଲା ବୋଲି ପଶୁ [redacted]
କରିଥିଲେ । କୋକିଶିଆଳି ଗୃହପାଳି [redacted]
ନଷ୍ଟ କରିବା ଉଦ୍ଦେଶ୍ୟରେ ଲୋକ [redacted]
ପ୍ରବେଶ କରେ । ଏହି ମାସରେ [redacted]
କୋକିଶିଆଳି ପଶି ଥିବାର ବ୍ରିଟେନ୍ [redacted]

# ଚମତ୍କାରୀତା

ଦୃଢ଼ ମନୋବଳ ଦ୍ୱାରା ମଣିଷ ଅସମ୍ଭବକୁ ସମ୍ଭବ କରିପାରେ । ନିଉଜିଲାଣ୍ଡର ମାର୍କ କୋସେଫ୍ ଇଙ୍ଗଲିସଙ୍କ କ୍ଷେତ୍ରରେ ଏହା ସତ୍ୟରେ ପରିଣତ ହୋଇଛି । ଏକ ଦୁର୍ଘଟନାରେ ଦଇଟି ଯାକ ଗୋଡ ହରାଇବା ପରେ ମଧ୍ୟ ସେ ପୃଥିବୀର [redacted] ରେଷ୍ଟ
[redacted] ଫଳ
[redacted] ତ୍ରିମ
[redacted] ଙ୍କର
[redacted] ଶଷ



[redacted] ସମ୍ଭବକୁ ସମ୍ଭବ କରିବାରେ ଇଙ୍ଗିଲିସ୍
[redacted] ଶୈଶବରୁ ସେ ପାହାଡ ଚଢ଼ିବା ପାଇଁ
[redacted] ରୋହଣ ତାଙ୍କର ମୁଖ୍ୟ ସ୍ୱପ୍ନ ଥିଲା ।
[redacted] କୁକ୍ ଆରୋହଣ କରୁଥିବା ସମୟରେ
[redacted] ହୋଇ ସେ ନିଜର ଦୁଇଟି ଗୋଡ଼
[redacted] ହି ଦୁର୍ଘଟନା ତାଙ୍କର ମନୋବଳକୁ
[redacted] ଡ଼ ସାହାଯ୍ୟରେ ସେ ପର୍ବତାରୋହଣ
[redacted] ୦୨ ମସିହାରେ ସେ ମାଉଂଟ କୁକ
[redacted] ହୋଇଥିଲେ । ଏବେ ସେ ଏଭରେଷ୍ଟ
[redacted] ା ରାଷ୍ଟ୍ରଦୂତ ଅଛନ୍ତି । ପାହାଡ଼ ଚଢ଼ିବା
[redacted] ମଧ୍ୟ ଇଙ୍ଗିଲିସ୍ ନିପୁଣ । ୨୦୦୦
[redacted] ପାରାଅଲମ୍ପିକ୍ କ୍ରୀଡାରେ ସେ ସାଇକଲ ଚାଳନାରେ ରୌପ୍ୟ ମେଡାଲ୍ ପାଇଥିଲେ । ନିଜ ପରି ଲୋକଙ୍କୁ ସାହାଯ୍ୟ କରିବା ଲାଗି ଇଙ୍ଗଲିସ୍ ଏକ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଗଠନ କରିଛନ୍ତି । ଲିମ୍ବସ୍ ଫର୍ ଆଲ୍ ନାମକ ଏହି ସ୍ୱେଚ୍ଛାସେବୀ ସଂଗଠନ ଗରବ ଲୋକମାନଙ୍କୁ ମାଗଣାରେ କୃତ୍ରିମ ଗୋଡ଼ ଯୋଗାଇ ଦେଉଛି । ଜୀବନରେ ଏକ ଭୟାବହ ଦୁର୍ଘଟନାକୁ ସାମନା କରିସାରିବା ପରେ ଇଙ୍ଗଲିସ୍ ଯେଉଁ ଅସୀମ ଧୈର୍ଯ୍ୟ ତଥା ସାହାସର ପରିଚୟ ଦେଇଛନ୍ତି ତାହା ପ୍ରକୃତରେ ପ୍ରଶଂସାଯୋଗ୍ୟ ।

+++

[redacted]

